# ୨୮ରେ ରାଷ୍ଟ୍ରପତିଙ୍କ ଦୁଇଦିନିଆ ମୟୂରଭଞ୍ଜ ଗସ୍ତ

ବାରିପଦା, ୧୪।୨(ସମିସ): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୮ ଓ ୨୯ ଦୁଇ ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରକାଶିତ ଚିଠି ନଂ ୫୬/୨୮ ଡିସେମ୍ବର ୨୦୨୩ ଅନୁଯାୟୀ ଗସ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଖିଚିଂ ସ୍ଥିତ ମା’ କୀଚକେଶ୍ୱରୀ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ପୂର୍ବାହ୍ନ ୧୦ଟା ୧୦ରେ ସେ ମନ୍ଦିର ପହଞ୍ଚି ମା’ କୀଚକେଶ୍ୱରୀଙ୍କୁ ଦର୍ଶନ କରି ଆଶିଷ ଲାଭ କରିବା ପରେ ୧୦ଟା ୪୦ରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ମନ୍ଦିର କମିଟି ପକ୍ଷରୁ ଖୁସି ପ୍ରକଟ କରାଯାଇଛି। ତେବେ ଏ ନେଇ ପୂର୍ବରୁ ଖିଚିଂ ସ୍ଥିତ ମା’ କୀଚକେଶ୍ୱର ମନ୍ଦିର କମିଟିର ଅଜୟ କୁମାର ସାହୁ ଓ ମନ୍ଦିର ପୂଜକ ଦିଲ୍ଲୀପ ପାଣିଗ୍ରାହୀ ନିମନ୍ତ୍ରଣ ଦେଇଥିବା ନେଇ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ପଦ ଅଳଙ୍କୃତ କରିବା ପରେ ଏହା ତାଙ୍କର ୩ୟଥର ଜିଲା ଗସ୍ତ। ସେହିପରି ଆସନ୍ତା ୨୦ ତାରିଖରେ ରାଜ୍ୟପାଳ ଜିଲ୍ଲା ଗସ୍ତରେ ଆସିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟପାଳ ରଘୁବର ଦାସ ଜିଲା ଗସ୍ତ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ସରକାରଙ୍କ ବହୁମୁଖି ଯୋଜନାର ସଫଳ ରୂପାୟନକୁ ନେଇ ସମୀକ୍ଷା କରିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଗସ୍ତ ସମୟରେ କଡା ସୁରକ୍ଷା ବ୍ୟବସ୍ଥା ସହିତ ଗନ୍ତବ୍ୟସ୍ଥଳଗୁଡିକରେ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

‘ଆମ ଶିମିଳିପାଳ, ଆମ ଗୌରବ’ କାର୍ଯ୍ୟକ୍ରମ

# ଅଭୟାରଣ୍ୟର ସୁରକ୍ଷା ପାଇଁ ଆଜିଠୁ ପଲ୍ଲୀସଭା

ବାରିପଦା, ୧୪।୨(ସମିସ): ଶିମିଳିପାଳର ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ‘ଆମ ଶିମିଳିପାଳ, ଆମ ଗୌରବ’ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶିମିଳିପାଳ ସଂଲଗ୍ନ ଗ୍ରାମରେ ପଲ୍ଲୀସଭା ଜରିଆରେ ବ୍ୟାପକ ଜନସଚେତନତା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗୁରୁବାରଠାରୁ ଏହି ପଲ୍ଲୀସଭା ଆରମ୍ଭ ହେବ। ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଶିମିଳିପାଳ ଉଦ୍ଭିଦ ଏବଂ ଅନେକ ଅନନ୍ୟ ଏବଂ ଚମତ୍କାର ଜୀବଜନ୍ତୁଙ୍କ ବିବିଧତାକୁ ସମର୍ଥନ କରେ। ଏହା ଉତ୍ତର ଓଡ଼ିଶାର ସର୍ବବୃହତ ଜଳଭଣ୍ଡାର। ବୁଢାବଳଙ୍ଗ, ଖଡ଼ଖାଇ, ପଳପଳା, ବନ୍ଧନ ଓ ଦେଓ ଆଦି ନଦୀ ପରି ଅନେକ ବଡ ଓ ଛୋଟ ନଦୀ ଶିମିଳିପାଳରେ ଉତ୍ପନ୍ନ ହୋଇ ମନୁଷ୍ୟ ବସତିରେ ଜୀବନ ସହାୟକ ବ୍ୟବସ୍ଥା ସୃଷ୍ଟି କରିଥାଏ। ଏହାର ବୃହତ ଭୌଗୋଳିକ ବ୍ୟାପକତା ଏବଂ ଭୌଗୋଳିକ ବୈଶିଷ୍ଟ୍ୟ ହେତୁ ଏହାର ଆଖପାଖ ଜଳବାୟୁ ଉପରେ ବ୍ୟାପକ ପ୍ରଭାବ ପଡ଼ିଥାଏ। ଏହାର ଆଖପାଖ ଅଞ୍ଚଳର ଦୈନିକ ପାଣିପାଗ ମାନଦଣ୍ଡକୁ ନିୟନ୍ତ୍ରଣ କରିଥାଏ। ଏହି ଅଭୟାରଣ୍ୟରେ ଅନେକ ପ୍ରଜାତିର ବିରଳ, ବିପନ୍ନ, ବିପଦଗ୍ରସ୍ତ ଓ ଅସୁରକ୍ଷିତ ଉଦ୍ଭିଦ ଓ ବନ୍ୟପ୍ରାଣୀ ଅଛନ୍ତି। ଶିମିଳିପାଳ ଓ ଏହାର ଆଖପାଖ ଅଞ୍ଚଳରେ ଏହି ବନ୍ୟପ୍ରାଣୀ ପ୍ରାଣୀ ମୁକ୍ତ ଭାବରେ ବସବାସ କରୁଛନ୍ତି। ଶିମିଳିପାଳର ମହାବଳ ବାଘ ସହିତ କଳା ମହାବଳ ବାଘ ଦେଖିବାକୁ ମିଳିଥାଏ। ଏଥପାଇଁ ଶିମିଳିପାଳ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଶିମିଳିପାଳ



ବ୍ୟାଘ୍ର ଅଭୟାରଣ୍ୟରେ ବନ୍ୟଜନ୍ତୁ ସଂରକ୍ଷଣର ସମୃଦ୍ଧ ଇତିହାସ ରହିଛି। ବ୍ୟାଘ୍ର ପ୍ରକଳ୍ପର ପ୍ରତିଷ୍ଠାତା ନିର୍ଦ୍ଦେଶକ ପଦ୍ମଶ୍ରୀ ସ୍ୱର୍ଗତ ସରୋଜ ରାଜ ଚୌଧୁରୀ ଏବଂ ତାଙ୍କ ପାଳିତ କନ୍ୟା ବାଘୁଣୀ ‘ଖଇରୀ’ଙ୍କ ପାଇଁ ମଧ ଏହା ପ୍ରସିଦ୍ଧ। ଶିମିଳିପାଳ ୨୦୦୯ ମସିହାରୁ ଗ୍ଲୋବାଲ ନେଟୱାର୍କ ଅଫ୍ ବାୟୋସ୍ପିୟର ଅଧୀନରେ ଆସିଛି। ଗତ କିଛି ଶତାବ୍ଦୀରେ ମନୁଷ୍ୟମାନଙ୍କ ବଂଶ ବୃଦ୍ଧି ଯୋଗୁଁ ବନ୍ୟଜନ୍ତୁଙ୍କ ବାସସ୍ଥଳ ସଂକୁଚିତ ହୋଇଛି। ମନୁଷ୍ୟଙ୍କ ଚାଷଜମି ଓ ଘରଡିହର ବହୁଗୁଣରେ ବୃଦ୍ଧି ଯୋଗୁଁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ଶିମିଳିପାଳ ବନ୍ୟପ୍ରାଣୀ ଅଭୟାରଣ୍ୟ ତଥା ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ର ସେ ମଧ୍ୟରୁ ଅନ୍ୟତମ। ଶିମିଳିପାଳ ବନ୍ୟପ୍ରାଣୀ ଅଭୟାରଣ୍ୟ ତଥା ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ର ରେ ଏବଂ ଏହାର ଚାରିପାର୍ଶ୍ୱରେ ଲାଗି ପ୍ରାୟ ୪ଶହ ଗାଁ ରହିଛି। ଏହି ଗ୍ରାମର ଅଧିବାସୀ ନିଜର ଜୀବନ ଜୀବିକା ପାଇଁ ଶିମିଳିପାଳ ଜଙ୍ଗଲ ଉପରେ ନିର୍ଭରଶୀଳ। ଶିମିଳିପାଳ ଜଙ୍ଗଲରୁ ବାହାରିଥିବା ନଦୀ ଏବଂ ନାଳର ପାଣି ଏହି ଗ୍ରାମବାସୀଙ୍କର ଦିନଚର୍ଯ୍ୟା ଏବଂ ଚାଷବାସ ପାଇଁ ଅତ୍ୟନ୍ତ ଜରୁରୀ। ନିଜର ପ୍ରତିପୋଷଣ ପାଇଁ ସେମାନେ ଶିମିଳିପାଳ ଜଙ୍ଗଲର ବନଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ; କିନ୍ତୁ କିଛିଲୋକଙ୍କ ଜଙ୍ଗଲ ଓ ବନ୍ୟଜନ୍ତୁ ବିନାଶକାରୀ କାର୍ଯ୍ୟ ପାଇଁ ଆଜି ଶିମିଳିପାଳ ସହିତ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଶିମିଳିପାଳ ଉପରେ ନିର୍ଭରଶୀଳ ଆଦିବାସୀ ତଥା ଅନ୍ୟ ସମ୍ପ୍ରଦାୟଙ୍କ ଜୀବନ ଜୀବିକା ସୁରକ୍ଷା ନିମନ୍ତେ ବର୍ତ୍ତମାନ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ବିନାଶର ବିପରୀତ ଧାରା ଆପଣାଇବାକୁ ପଡ଼ିବ। ଏଥିପାଇଁ ବନ୍ୟଜନ୍ତୁଙ୍କ ଶିକାର ବର୍ଜନ, ବନ୍ୟଜନ୍ତୁଙ୍କ ବେଆଇନ ଶିକାର ନିମନ୍ତେ ରଖୁଥିବା ସମସ୍ତ ଅସ୍ତ୍ରଶସ୍ତ୍ର, ଫାସ କିମ୍ବା ଜାଲ, ବିସ୍ଫୋରକ ସାମଗ୍ରୀ ଆଦି ସମର୍ପଣ ତଥା ବର୍ଜନ, ଜଙ୍ଗଲରେ ନିଆଁ ଲଗାଇବାରୁ ନିବୃତ୍ତ ରହିବା ଏବଂ ବନ୍ୟଜନ୍ତୁ, ସରୀସୃପ କିମ୍ବା ପକ୍ଷୀ କିମ୍ବା ସେମାନଙ୍କ ମାଂସ, ଚମଡ଼ା, ହାଡ଼, ପଞ୍ଝା, ଦାନ୍ତ କିମ୍ବା ଅନ୍ୟ କୌଣସି ଜିନିଷର ବ୍ୟବସାୟରୁ ଦୂରେଇବା ସମ୍ବନ୍ଧୀୟ ତଥ୍ୟ ଭିତ୍ତିକ ସୂଚନା ପ୍ରଦାନ ପୂର୍ବକ ପଲ୍ଲୀସଭାରେ ବନବାସୀଙ୍କୁ ସଚେତନତା କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ସାନ୍ତାଳୀ ପରୀକ୍ଷା ପାଇଁ କୁଳପତିଙ୍କୁ ଦାବି ଜଣାଇଲା ମାସା ଆର୍ମୀ



ବାରିପଦା, ୧୪।୨(ସମିସ): ମଙ୍ଗଳବାର ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମୀ ଓ ସାନ୍ତାଳୀ ପିଜି ଛାତ୍ର ସଂଗଠନ ପକ୍ଷରୁ ସଂଗଠନର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭେଟି ସାନ୍ତାଳୀ ପରୀକ୍ଷା ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। +୩ ପ୍ରଥମ ବର୍ଷ ପ୍ରଥମ ସେମିଷ୍ଟାର ପରୀକ୍ଷା କାର୍ଯ୍ୟସୂଚୀର ନୋଟିସରେ ସାନ୍ତାଳୀ ବିଭାଗ ପରୀକ୍ଷା ନିମନ୍ତେ କାର୍ଯ୍ୟସୂଚୀ ନ ଥିବାରୁ ଏହି ତ୍ରୁଟିକୁ ସଂଶୋଧନ କରାଯାଇ ସାନ୍ତାଳୀ ବିଭାଗକୁ ପରୀକ୍ଷା କାର୍ଯ୍ୟସୂଚୀରେ ସାମିଲ କରାଯିବା ସହିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟର ସାନ୍ତାଳୀ ବିଭାଗ ଖୋଲିବାକୁ ଦାବି କରାଯାଇଛି। ଏଥିସହିତ ଏସଏସବି ପରୀକ୍ଷା ମାଧ୍ୟମରେ ସରକାରୀ ଡିଗ୍ରୀ କଲେଜଗୁଡିକରେ ବିଭିନ୍ନ ବିଭାଗ ପାଇଁ ଅଧ୍ୟାପକ ନିଯୁକ୍ତି କରାଯାଉଥିବା ବେଳେ ଏ ପର୍ଯ୍ୟନ୍ତ ଏସଏସବି ପରୀକ୍ଷାରେ ଅଧ୍ୟାପକ ନିଯୁକ୍ତି ନିମନ୍ତେ ସାନ୍ତାଳୀ ଭାଷାକୁ ସାମିଲ କରାଯାଇ ନାହିଁ। ତେଣୁ ସାନ୍ତାଳୀ ଭାଷାକୁ ମଧ୍ୟ ସାମିଲ କରିବାକୁ ଆଶାୟୀ ସାନ୍ତାଳୀ ଅଧ୍ୟାପକ ସଂଘ, ମାସାଆର୍ମୀ ଓ ସାନ୍ତାଳୀ ପିଜି ଛାତ୍ର ସଂଗଠନ ପକ୍ଷରୁ ଦୃଢ ଦାବି କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ସାନ୍ତାଳୀ ପିଜି ଛାତ୍ର ସଂଗଠନର ସଭାପତି ବିକ୍ରମ ବେଶ୍ରା, ଶ୍ରୀରାମ ଟୁଡୁ, ରଘୁନାଥ ଟୁଡୁ, ଆନିପା କିସ୍କୁ, ସନେର ସିଂ ହାଁସଦା, ସୁଦାମ ମାଝୀ, ପ୍ରତିମା ହାଁସଦା ଓ ଶାଙ୍ଖ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

ଇଣ୍ଟିଗ୍ରେଟେଡ଼ କମାଣ୍ଡ ଏଣ୍ଡ କଣ୍ଟ୍ରୋଲ ସେଣ୍ଟରର ଶିଳାନ୍ୟାସ

# ରାଜ୍ୟରେ ପ୍ରଥମଥର ବାରିପଦାରେ ସେବା ଆରମ୍ଭ

ବାରିପଦା, ୧୪।୨(ସମିସ): ବାରିପଦା ପୌର ପରିଷଦ ପକ୍ଷରୁ ଇଣ୍ଟିଗ୍ରେଟେଡ଼ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର ଗୃହର ବୁଧବାର ଶିଳାନ୍ୟାସ କରାଯାଇଛି। ପୌରାଞ୍ଚଳର ସମସ୍ତ ସ୍ଥାନକୁ ଗୋଟିଏ ସ୍ଥାନରେ ବସି ନିରୀକ୍ଷଣ କରିବା ପାଇଁ ଗୃହ, ୱେଲଥ ସେଣ୍ଟର, ସୌନ୍ଦର୍ଯ୍ୟକରଣ ହୋଇଥିବା ପୋଖରୀ, ସ୍ୱଚ୍ଛତା ଆଦିକୁ ଗୋଟିଏ ସ୍ଥାନରେ ରହି ସିସିଟିଭି ମାଧ୍ୟମରେ ନିରୀକ୍ଷଣ, ପୌରାଞ୍ଚଳରେ ୧କୋଟି ୪୦ଲକ୍ଷ ଟଙ୍କା ବିନିଯୋଗରେ ୧୨୭ଟି ସ୍ଥାନ ସିସିଟିଭି



ଏହି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି; ଯାହାକ ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ସେବା ବାରିପଦାରେ ଆରମ୍ଭ ହେବ। ସୂଚନା ଅନୁଯାୟୀ, ବାରିପଦା ପୌରପାଳିକା ଅନ୍ତର୍ଗତ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ସମ୍ପତ୍ତିର ଠିକ ଭାବେ ନିରୀକ୍ଷଣ କରିବା, ବାରିପଦାରେ ଥିବା ଆଶ୍ରୟ ଲଗାଯିବା ସହ ଉକ୍ତ ପ୍ରକଳ୍ପକୁ କାର୍ଯ୍ୟକାରୀ, ସିସିଟିଭି ଜରିଆରେ ପୌରପାଳିକାର ସମ୍ପତ୍ତି ଉପରେ ତୀକ୍ଷ୍ଣ ନଜର ରଖିବା, ପ୍ରତି ୱାର୍ଡରେ ହେଉଥିବା ସ୍ୱଚ୍ଛତା କାର୍ଯ୍ୟର ସ୍ଥିତି ନେଇ ଅନୁଧ୍ୟାନ କରାଯିବ ବୋଲି ନଗରପାଳ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ଏଥିସହିତ ଆଗକୁ ଲୋକଙ୍କ ଜନଅଭିଯୋଗକୁ ଡିଜିଟାଲାଇଜ କରି ଉକ୍ତ ଇଣ୍ଟିଗ୍ରେଟେଡ଼ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର ଜରିଆରେ ଅନୁଧ୍ୟାନ କରି ୨୪ଘଣ୍ଟା ମଧ୍ୟରେ ଏହାର ସମାଧାନ କରିବାକୁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ପ୍ରତି ଘରକୁ ଘର ଯାଇ ସ୍ୱଚ୍ଛତା କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରାଯିବ ଏବଂ ଠିକ ଭାବେ କାର୍ଯ୍ୟ ନ କଲେ ସେଣ୍ଟର ଜରିଆରେ ଜାଣିପାରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ଡାଇମେନସନ ଡିଜିଟାଲ କଣ୍ଟ୍ରୋଲ ପ୍ରାଇଭେଟ ଲିମିଟେଡ଼ ସଂସ୍ଥାର ସୁଦେଶ ରଞ୍ଜନ ରାୟ କହିଛନ୍ତି। ଆଗକୁ ସିସିଟିଭି ସଂଖ୍ୟା ୧୦୦୦କୁ ବୃଦ୍ଧି କରାଯିବ। କାର୍ଯ୍ୟକ୍ରମରେ ନଗରପାଳ ସମେତ ଉପ ନଗରପାଳ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ, ସଂସ୍ଥାର କର୍ମଚାରୀ ସୁଦେଶ ରଞ୍ଜନ ରାୟ ଏବଂ ସମସ୍ତ ୱାର୍ଡ କାଉନସିଲର ଓ କର୍ମଚାରୀ ଉପସ୍ଥିତ ଥିଲେ।

SPOT ADMISSION IS GOING ON
in
GAYATRI SCHOOL AND COLLEGE OF NURSING, BARIPADA

Interested candidates are invited to take admission in Gayatri School & College of Nursing for the course G.N.M., A.N.M. & for B.Sc. Nursing. Limited seats are available for spot admission.

ELIGIBILITY FOR SCHOOL OF NURSING:
+2 Arts, Science & Commerce, Minimum 40% Marks

ELIGIBILITY FOR B.SC. NURSING:
+2 Science with Biology, 40% Marks for ST/SC students & 45% Marks for General Category.

Last date of Admission: 26th of Feb. 2024

Contact: 9438477846, 9438060121, 9337306245

# ଅପହରଣ ମାମଲାରେ ଜଡ଼ିତ କନଷ୍ଟେବଲ ନିଲମ୍ବିତ

ବାରିପଦା, ୧୪।୨(ସମିସ): ଖାକିରେ ଲାଗିଲା ଦାଗ। ଜଣେ ପୁଲିସ କନଷ୍ଟେବଲ ଅପହରଣ ମାମଲା ଜଡିତ ହୋଇ ନିଲମ୍ବିତ ହୋଇଛନ୍ତି। କନଷ୍ଟେବଲ ଜଣକ ହେଲେ ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା ଥାନାର କାର୍ଯ୍ୟରତ ଅନନ୍ତ



କୁମାର ବିଶ୍ୱାଳ। ସୂଚନା ଅନୁଯାୟୀ, ଏକ ଅପହରଣ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ମାମଲାରେ କନାଷ୍ଟବଲ ଅନନ୍ତ ଜଡିତ ଥିବା ନେଇ ତଦନ୍ତରୁ ଜଣାପଡ଼ିଥିଲା। ଅର୍ଥ କାରବାର ମାମଲାରେ ଅପହରଣ କରିନେଇଥିବା ଶୁଳିଆପଦା ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ମାମଲାରେ ତାଙ୍କ ନାମରେ ମାମଲା ହେବା ପରେ ଗିରଫ କରାଯାଇଛି। ଏହାକୁ ନେଇ ପୁଲିସ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏସ୍‌ପି ଏସ ସୁଶ୍ରୀ କନଷ୍ଟେବଲ ଶ୍ରୀ ବିଶ୍ୱାଳଙ୍କୁ ନିଲମ୍ବିତ କରିଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଉତ୍ତେଜନା

# ମହିଳା ଶ୍ରମିକଙ୍କୁ ଅସଦାଚରଣ ନେଇ ଲୋକେ ତାତିଲେ

ବାରିପଦା, ୧୪।୨(ସମିସ): ରଙ୍ଗାମାଟିଆଠାରେ ନିର୍ମିତ ହେଉଥିବା ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ବୁଧବାର ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। କୋଠା ନିର୍ମାଣ କରୁଥିବା ଆଇରନ୍ ଟ୍ରାଇଏଙ୍ଗେଲ ଠିକା ସଂସ୍ଥା ବିରୋଧରେ ଶ୍ରମିକ ଏବଂ ଗ୍ରାମବାସୀ ଗୁରୁତର ଅଭିଯୋଗ କରିଛନ୍ତି। ନିର୍ମାଣ କାର୍ଯ୍ୟରେ ନିୟୋଜିତ ମହିଳା ଶ୍ରମିକଙ୍କୁ ଠିକାସଂସ୍ଥା ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି; ଯାହାକୁ ନେଇ ମେଡିକାଲର ନିର୍ମାଣସ୍ଥଳ ପରିସରକୁ ଶହ ଶହ ଗ୍ରାମବାସୀ ଧସେଇ ପଶିଥିଲେ। ପୁଲିସ ସମ୍ମୁଖରେ ଅଭିଯୁକ୍ତକୁ ଲୋକେ ଘେରିଥିଲେ। ପରେ ପୁଲିସ ଅଭିଯୁକ୍ତକୁ ଉଦ୍ଧାର କରି ଥାନାକୁ ନେବା ସହ ଲୋକଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା କିଛି ମାତ୍ରାରେ ଥମିଥିଲା। ସୂଚନା ଅନୁସାରେ, ରଙ୍ଗାମାଟିଆଠାରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ନିର୍ମାଣ କାର୍ଯ୍ୟ ଠିକା ସଂସ୍ଥା ଆଇରନ୍ ଟ୍ରାଇଏଙ୍ଗେଲ ଲିମିଟେଡ୍ ନେଇଛି। ବାହାର ରାଜ୍ୟ ଏବଂ ସ୍ଥାନୀ ଶ୍ରମିକଙ୍କୁ ଠିକା ସଂସ୍ଥା ନିୟୋଜିତ କରିଛି। ତେବେ ସ୍ଥାନୀୟ ମହିଳା ଶ୍ରମିକଙ୍କୁ ଏଠାରେ ଅସଦାଚରଣ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଏ ନେଇ ଏକାଧିକ ମହିଳା ଅଭିଯୋଗ କରିଛନ୍ତି। ଫଳରେ ଆଜି ଲୋକେ ତାତିଛନ୍ତି। ଯାହାକୁ ନେଇ ବୁଧବାର ଶହ ଶହ ସ୍ଥାନୀୟ ଲୋକେ ମେଡିକାଲ ପରିସରରେ ଧସେଇ ପଶିବା ସହିତ ଅସଦାଚରଣ କରିଥିବା ଅଭିଯୁକ୍ତକୁ ଅଟକ ରଖିଥିଲେ। ଖବର ପାଇ ବାରିପଦା ସଦର ଥାନା ପୁଲିସ ପହଞ୍ଚି ଅଭିଯୁକ୍ତକୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଅନ୍ୟପଟେ ଉତ୍ତେଜନା ଲାଗି ରହିଥିବା ବେଳେ ପୁଲିସ ଆନ୍ଦୋଳକାରୀଙ୍କୁ ବୁଝାସୁଝା କରି



ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ କଂପାନୀର ପ୍ରୋଜେକ୍ଟ ମ୍ୟାନେଜର ଦିବ୍ୟଲୋଚନ ବେହେରା ଘଟଣାସ୍ଥଳରୁ ପଳାଇ ଯାଇଥିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ମରାମତି ପାଇଁ ଦୁଇଦିନ ବିଦ୍ୟୁତ୍ କାଟ୍

ବାରିପଦା, ୧୪।୨(ସମିସ): ମରାମତି ପାଇଁ ବାରିପଦା ସହରର ଅମ୍ବିକା ଫିଡ଼ର ଅଞ୍ଚଳରେ ଦୁଇ ଦିନ ଧରି ସାଢେ ୪ଘଣ୍ଟା ପାଇଁ ବିଦ୍ୟୁତ କାଟ ହେବ। ଏ ନେଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ଅବଗତି ନିମନ୍ତେ ଜଣାଇ ଟାଟା ପାୱାର ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ବାରିପଦା ବିଦ୍ୟୁତ ବିଭାଗର ନମ୍ବର-୧ ସେକ୍ସନର ଅନ୍ତର୍ଗତ ଅମ୍ବିକା ଫିଡର ଅଞ୍ଚଳରେ ଦୁଇ ଦିନ ଧରି ୧୧କେଭି ଫିଡ଼ର ରକ୍ଷଣାବେକ୍ଷଣ କାର୍ଯ୍ୟ ହେବ। ତେଣୁ ଉକ୍ତ ଅଞ୍ଚଳରେ ଗୁରୁବାର ଓ ଶୁକ୍ରବାର ସକାଳ ୯.୩୦ରୁ ଦିନ ୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଫଳରେ କଚେରୀ ଅଞ୍ଚଳ, ଦିନ ପରିବା ବଜାର, ଟ୍ରାଫିକ ମାର୍କେଟ, ଲାଲ ବଜାର, ଗାନ୍ଧୀ ମାର୍କେଟ, ଦୋଳି ପଡ଼ିଆ, ବଡ଼ ବଜାର ଆଦି ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିବ। ଏ ନେଇ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ବିଦ୍ୟୁତ ବିତରଣ ସଂସ୍ଥା ପକ୍ଷରୁ ସହଯୋଗ କାମନା କରାଯାଇଛି।

STAFF REQUIREMENT FOR B.SC. NURSING COLLEGE

| POST | QUALIFICATION | EXPERIENCE | POST |
|---|---|---|---|
| Vice Principal | M.Sc. Nursing | 5 years | 01 |
| Asst. Prof. | M.Sc. Nursing | 3 years | 02 |
| Faculty | B.Sc. Nursing | 3 years | 03 |
| Accountant | Min. Graduate in any stream with vast Computer Knowledge | 3 years | 01 |

Interested candidates may apply to the Secretary, Gayatri College of Nursing, Janardanpur, W.N.- 15, Baripada, Pin- 757001

Contact: 9438477846, 9438060121, 9337306245

ANIMESH FOOD PRODUCTS
ANIMESH INDIAN SNACKS The ultimate name of Quality
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com



Contact: 8895052838 / 8596070800

# ରଥଯାତ୍ରା ପାଇଁ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥକାଠ ଅନୁକୂଳ

ବାରିପଦା, ୧୪।୨(ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଯାତ୍ରା ପାଇଁ ରଥ ନିର୍ମାଣ ନିମନ୍ତେ



ପାରମ୍ପରିକ ରୀତିନୀତିରେ ରଥକାଠ ଅନୁକୂଳ ପୂର୍ବକ ସଂଗ୍ରହ ହୋଇଛି। ପବିତ୍ର ବସନ୍ତ ପଞ୍ଚମୀ ଅବସରରେ ବୁଧବାର ରଥକାଠ ଅନୁକୂଳ ପୂଜାର୍ଚ୍ଚନା ହୋଇଥିଲା। ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ମନ୍ଦିରରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁସାରେ ଶୁଭ ମୁହୂର୍ତ୍ତରେ ରଥ ମହାରଣାଙ୍କ ସମେତ ଅନ୍ୟାନ୍ୟ ସେବାୟତମାନେ ରଥ କାଠ ଅନୁକୂଳ ପାଇଁ ଗମନ କରିଥିଲେ। ମହାପ୍ରଭୁଙ୍କ ନିମନ୍ତେ ତିଆରି ହେବ ତିନିରଥ। ତେଣୁ ପରମ୍ପରା ଅନୁଯାୟୀ, ବୁଧବାର ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ପୂଜା ହୋଇଛି।



ଏହାପରେ ବାରିପଦା ସହରର ନିକଟ ଜ୍ୟୋତିପୁର ସ୍ଥିତ ଜଙ୍ଗଲରୁ ଏହି ରଥକାଠ ସଂଗ୍ରହ କରିବା ସହ ସେବାୟତ ଓ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ କାଠ ସଂଗୃହୀତ ହୋଇଥିଲା। ସେଠାରେ ଚିହ୍ନିତ ହୋଇଥିବା ଗଛକୁ ପୂଜାର୍ଚ୍ଚନା ପୂର୍ବକ ଅନୁମତି ଭିକ୍ଷା କରାଯାଇଥିଲା। ପରେ ଶଙ୍ଖଧ୍ୱନି ଏବଂ କୀର୍ତ୍ତନ ପୂର୍ବକ ଗଛ କଟାଯାଇ ଏହାକୁ ରଥଖଳାକୁ ଅଣାଯାଇଥିଲା। ରଥଖଳାରେ କାଠ ଅନୁକୂଳ ନେଇ ପୂଜା ହୋଇଥିଲା। ସନ୍ଧ୍ୟାରେ ମନ୍ଦିର ପରିସରରେ ମା’ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ରଥକାଠ ଅନୁକୂଳ ପୂଜା ହୋଇଛି। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ଆବଶ୍ୟକ ଖଣ୍ଡ କାଠ ଅନୁଯାୟୀ ସଂଗ୍ରହ ହୋଇଛି। ଏହି କାଠକୁ ଚଳିତ ବର୍ଷ ନନ୍ଦିଘୋଷ ରଥର ଅଠର ନାହାକ କାର୍ଯ୍ୟରେ ଲଗାଯିବ ବୋଲି କହିଛନ୍ତି ରଥ ମହାପାତ୍ର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ରଥକାଠ ସଂଗ୍ରହ କରି କୀର୍ତ୍ତନ ଦଳ ସହ ବାରିପଦାର ଶ୍ରୀ ଶ୍ରୀ ହରି ବଳଦେବ ଜୀଉଙ୍କ ମନ୍ଦିରକୁ ଆସିଥିବା ବେଳେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ତେବେ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବାର ବିଧି ରହିଛି।

Skilled in ODISHA

ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା-୨୦୨୩-୨୪

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓଡ଼ିଶା

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀଙ୍କ ଆନୁକୂଲ୍ୟରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, କଟକଙ୍କ ଦ୍ୱାରା ଜିଲ୍ଲା ପ୍ରଶାସନ କଟକଙ୍କ ସହଯୋଗରେ ଆସନ୍ତା **ତା.୧୬.୦୨.୨୦୨୪ରିଖ (ଶୁକ୍ରବାର)** ଦିନ ବାଙ୍କୀ ବ୍ଲକ୍ କଚେରୀ ପଡ଼ିଆ, ବାଙ୍କୀ ଓ **ତା.୧୭.୦୨.୨୦୨୪ରିଖ (ଶନିବାର)** ଦିନ ନିଶ୍ଚିନ୍ତ କୋଇଲି ବ୍ଲକ୍ ନିକଟ ପଡିଆଠାରେ ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା ଆୟୋଜନ କରାଯାଉଛି । ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ କେତେକ ନିଯୁକ୍ତି ଦାତାମାନେ ଯୋଗଦେବେ। ନିଯୁକ୍ତ ଦାତାଙ୍କ ମଧ୍ୟରୁ କେତେକ ନିଯୁକ୍ତିଦାତା ସିଧାସଳଖ ନିଯୁକ୍ତି ଦେବେ ଓ ଆଉ କେତେକ ନିଯୁକ୍ତି ଭିତ୍ତିକ ତାଲିମ୍ ପରେ ନିଯୁକ୍ତି ଦେବାପାଇଁ ବ୍ୟବସ୍ଥା ରହିଛି ।

ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳରେ ଥିବା ପଞ୍ଚମ ଶ୍ରେଣୀଠାରୁ +୩ ପାସ୍, ଆଇ.ଟି.ଆଇ. ଓ ଡିପ୍ଲୋମା ପାସ୍ କରିଥିବା ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ଇଚ୍ଛୁକ ଥିବା ପ୍ରାର୍ଥୀ / ପ୍ରାର୍ଥିନୀମାନେ ଅଂଶଗ୍ରହଣ କରିପାରିବେ।

ଏଣୁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାରକାର୍ଡ ଓ ନିଜର ପାସ୍‌ପୋର୍ଟ ଫଟୋ ସହିତ ଉକ୍ତ ନିଯୁକ୍ତି ମେଳାରେ **ସକାଳ ୧୦ ଘଟିକା ଠାରୁ ଅପରାହ୍ନ ୩ ଘଟିକା** ମଧ୍ୟରେ ଯୋଗଦେଇ ନିଯୁକ୍ତିର ସୁଯୋଗ ନେବାକୁ ଅନୁରୋଧ।

ପ୍ରକାଶ ଥାଉକି : ଏହି ସୁଯୋଗ ସରକାରୀ ଚାକିରୀ ନିମନ୍ତେ ଉଦ୍ଦିଷ୍ଟ ନୁହେଁ।

ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ, କଟକ | ଜିଲ୍ଲା ପ୍ରଶାସନ, କଟକ

ଯୋଗାଯୋଗ: ୦୬୭୧-୨୩୬୦୦୭୭

ସକାଳ
THE SAKALA



ଚେକ୍ ବାଉନ୍ସ ମାମଲା

# ଅଭିଯୁକ୍ତକୁ ବର୍ଷେ ଜେଲ, ୧୯ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

ବାଲେଶ୍ୱର, ୧୪।୨(ସମିସ):

ଭଦ୍ରକ ଉପଖଣ୍ଡରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏକ ଚେକ ବାଉନ୍ସ ମାମଲାର ବିଚାର କରି ମାଜିଷ୍ଟ୍ରେଟ ଅଭିଯୁକ୍ତକୁ ୧ବର୍ଷ କାରାଦଣ୍ଡାଦେଶ ସହ ୧୯ଲକ୍ଷ ଟଙ୍କା କ୍ଷତିପୂରଣ ବାବଦ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ବିବରଣୀରୁ ପ୍ରକାଶ ଯେ, ଭଦ୍ରକ ବ୍ଲକ ଅଧୀନ ବହୁଦରଡା ପଞ୍ଚାୟତବାସୀ ଅଭୟ ଜେନା ବାଲେଶ୍ୱର ଜିଲ୍ଲାର ରମାଦେବୀ ଫୁଡସ୍ ପ୍ରାଇଭେଟ ଲିମିଟେଡ ନାମକ ଏକ ରାଇସ ମିଲ୍‌କୁ ୧୫ ଲକ୍ଷ ଟଙ୍କା ମୂଲ୍ୟର ଧାନ ଦେଇଥିଲେ। ରାଇସମିଲର ମାଲିକ ବାଲେଶ୍ୱରର ଗୌତମ ପାତ୍ର ଧାନର ମୂଲ୍ୟ ବାବଦକୁ ଅଭୟ ଜେନାଙ୍କୁ ୧୫ ଲକ୍ଷ ଟଙ୍କାର ଏକ ବ୍ୟାଙ୍କ ଚେକ ୨୦୨୨ ଜାନୁଆରୀ ୧୯ ତାରିଖରେ ଦେଇଥିଲେ। ତେବେ ଜାନୁଆରୀ ୨୪ ତାରିଖରେ ଉକ୍ତ ଚେକଟି ବ୍ୟାଙ୍କରେ ଜମାଦେବା ପରେ ତାହା ବାଉନ୍ସ ହୋଇ ଯାଇଥିଲା। ପରେ ପୁଣି ଫେବୃଆରୀ ୨୨ ତାରିଖରେ ଶ୍ରୀ ଜେନା ଚେକ୍‌ଟିକୁ ପୁଣିଥରେ ବ୍ୟାଙ୍କରେ ଜମା ଦେବା ପରେ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ଏହାପରେ ଶ୍ରୀ ଜେନାଙ୍କ ତରଫରୁ ଗୌତମ ପାତ୍ରଙ୍କୁ ଏକ ଲିଗାଲ ନୋଟିସ ପ୍ରଦାନ କରାଯିବା ପରେ ମଧ୍ୟ ସେ ପ୍ରାପ୍ୟ ପାଇନଥିଲେ। ଶେଷରେ ବାଧ୍ୟହୋଇ ଗତ ୨୦୨୨ ଅପ୍ରେଲ ୫ ତାରିଖରେ ଏସଡିଜେଏମଙ୍କ ଅଦାଲତରେ ଏକ ୧ସିସି (କଂପ୍ଲେନ କେଶ) ନଂ-୫୪/୨୦୨୨ ମାମଲା ରୁଜୁ କରିଥିଲେ। ତେବେ ଉକ୍ତ ମାମଲାର ଜବାବ ସୁଆଲ ପରେ ଗତ ୬ ତାରିଖରେ ରାୟ ପ୍ରକାଶ ପାଇଛି। ଯେଉଁଥିରେ ସମ୍ପୃକ୍ତ ରାଇସ୍ ମିଲ ମାଲିକ ଗୌତମ ପାତ୍ରଙ୍କୁ ୧୯ ଲକ୍ଷ ଟଙ୍କା ପ୍ରଦାନ କରିବାକୁ କୁହାଯାଇଛି। ଏଥିସହ ୧ବର୍ଷ ଜରିମାନା ଆଦେଶ ହୋଇଛି। କ୍ଷତିପୂରଣ ଟଙ୍କା ଦେବାରେ ଖିଲାପ କଲେ ଆଉ ୬ମାସ କାରାଦଣ୍ଡାଦେଶ ହୋଇଛି। ଅଭିଯୋଗକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶରତ ମହାପାତ୍ର ମାମଲା ଲଢୁଥିଲେ।

## ଯୁବତୀଙ୍କୁ ଆକ୍ରମଣ ଅଭିଯୋଗ

ସୋର, ୧୪।୨(ସମିସ): ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ ବୁଢ଼େଇ ଗ୍ରାମରେ ଘରେ କେହି ନଥିବା ବେଳେ ଜଣେ ଯୁବତୀଙ୍କୁ କିଛି ଯୁବକ ମାଡ଼ ମାରିବା ସହିତ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଗତକାଲି ସନ୍ଧ୍ୟାରେ ସୋର ଥାନା ବୁଢ଼େଇ ଗ୍ରାମର ଶ୍ରୀଧର ମଲିକଙ୍କ ଝିଅ ପୁଷ୍ପାଞ୍ଜଳି ଘରେ ଏକା ରହିଥିଲେ। ଏହି ସମୟରେ କୌଣସି କାରଣରୁ ଅତର୍କିତ ଭାବେ କିଛି ଯୁବକ ପହଞ୍ଚି ତାଙ୍କ ଭାଇ ଓ ବାପା ମା'ଙ୍କୁ ଖୋଜିବା ସହିତ ଘରେ ପଶି ଭଙ୍ଗାରୁଜା ଆରମ୍ଭ କରିଥିଲେ। ପୁଷ୍ପାଞ୍ଜଳି ବିରୋଧ କରିବାରୁ ଯୁବକମାନେ ତାଙ୍କୁ ମାଡ଼ ମାରିଥିଲେ। ପରିବାର ଲୋକେ ଫେରିବା ପରେ ଏ ବାବଦରେ ଅବଗତ ହୋଇ ଆଜି ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ପୋଚ ଓ ମଦ ନଷ୍ଟ

ବାଲେଶ୍ୱର, ୧୪।୨(ସମିସ): ବାଲେଶ୍ୱର ପୁଲିସ ଏବଂ ଅବକାରୀ ବିଭାଗ ମିଳିତରେ ପୁରୁଣା ବାଲେଶ୍ୱର ଠାରେ ଚାଲୁଥିବା ଦେଶୀ ମଦଭାଟି ଉପରେ ଚଢ଼ଉ କରାଯାଇଛି। ଏହି ଚଢ଼ାଉରେ ପୁଲିସ ପୋଚ ସହ ଦେଶୀମଦକୁ ନଷ୍ଟ କରିଛି ବୋଲି ସିଟି ଡିଏସପି ଗାୟତ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ବାଲେଶ୍ୱର ଜିଲ୍ଲାରେ ଏହି ଦୁଇ ଦିନ ମଧ୍ୟରେ୨୦ଟି ମାମଲା ରୁଜୁ ହେଲାଣି। ବିଶେଷ କରି ପୁରୁଣା ବାଲେଶ୍ୱରରେ ୩୦ ହଜାର ଲିଟର ପୋଚକୁ ନଷ୍ଟ କରିବା ସହ ୧୨ଶହ ଲିଟର ମଦକୁ ନଷ୍ଟ କରିଛନ୍ତି। ଏହାସହ ସେଠାରୁ ୧୫ କୁଇଣ୍ଟାଲ କାଠ ମଧ୍ୟ ଜବତ କରାଯାଇଛି। ତେବେ ଏହି ୨୦ଟି ମାମଲା ମଧ୍ୟରୁ ନୀଳଗିରିରେ ୭ଟି ମାମଲା ରହିଥିବା ଜଣାଯାଇଛି।

## ୩ ବାଲି ବୋଝେଇ ଟ୍ରକ୍ ଜବତ

ଚୌକି, ୧୪।୨ (ସମିସ) : ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥରେ ଚୋରା ଚାଲାଣ ହେଉଥିବା ୩ ଟି ବାଲି ବୋଝେଇ ଟ୍ରକକୁ ଭୋଗରାଇ ଥାନା ପୁଲିସ ଜବତ କରିଥିବା ଜଣାପଡ଼ିଛି। ଗତ କାଲି ବିଳମ୍ବିତ ରାତିରେ ତିନୋଟି ଡମ୍ଫର ଭଦ୍ରକ ଓ ଯାଜପୁର ଅଞ୍ଚଳରୁ ବାଲି ଆଣି ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଥିବା ବେଳେ ପୁଲିସ ହାତରେ ଧରାପଡ଼ିଥିଲା। ଚୋରା ବାଲି ଡମ୍ଫର ଦୃତ ଗତିରେ ଯାଉଥିବା ସମୟରେ ଭୋଗରାଇ ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ ସହଦଳବଳେ ରାସ୍ତାରେ ଗୋଡ଼ାଇ ଧରି ଥାନାକୁ ନେଇଆସିଥିଲେ। ଗାଡ଼ିର ଡ୍ରାଇଭର ଅଶୋକ ଦାସ, ନିମାଇ ମୁଦୁଲି ଓ, ମୁନା କୁମାର ଯାଦବ ମାନଙ୍କ ନାମରେ ମାମଲା ରୁଜୁକରିବା ସହ ଗିରଫ କରି କୋର୍ଟ ଚାଲାଣ କରିଥିବାର ସୂଚନା ମିଳିଛି।

## ୨ ବଖରା ଜଳିଗଲା

ସୋର, ୧୪।୨(ସମିସ): ସୋର ବ୍ଲକ ନଟାପଡ଼ା ପଞ୍ଚାୟତ ତିଳଦା ଗ୍ରାମର ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଦୁଇ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଆଜି ସନ୍ଧ୍ୟାରେ ଘରେ କେହି ନଥିବା ବେଳେ ଏହି ଗ୍ରାମର ଗୁରୁବାରୀ ମଲିକ ଓ ଲକ୍ଷ୍ମୀ ମଲିକଙ୍କ ଘରେ ବିଦ୍ୟୁତ ସଟ୍‌ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା। ଗ୍ରାମବାସୀମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ସୋର ଅଗ୍ନିଶମ ବିଭଗର ଦୁଇଟି ଦମକଳ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଗ୍ରାମବାସୀମାନେ ନିଆଁକୁ ଆୟତ୍ତ କରିନେଇଥିଲେ। ମାତ୍ର ସେତେବେଳକୁ ଦୁଇ ବଖରା ଘର ସମେତ ଷାଠିଏ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଥିଲା।

## ସଂସ୍କାର ଭାବନା ଛାତ୍ରଛାତ୍ରୀଙ୍କୁ ବଡ଼ ମଣିଷ କରେ

ବାଲିଆପାଳ, ୧୪।୨(ସମିସ) : ସଂସ୍କାର ଭାବନା ଛାତ୍ରଛାତ୍ରୀଙ୍କୁ ଭଲ ଓ ବଡ ମଣିଷ କରେ। ଦେଶ ଜାତି ପାଇଁ ତାକୁ ତାର କର୍ତ୍ତବ୍ୟ କରିବା ପାଇଁ ପ୍ରେରଣା ଦେଇଥାଏ ବୋଲି ବୁଧବାର ବାଲିଆପାଳ ବ୍ଲକ ଡାଙ୍ଗପିଟା ଉଚ୍ଚ ପ୍ରାଥମିକ ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତ ବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷକ ବୃଷକେତୁ ଗୋଛାୟତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାବିତ ତଥା ସୁସାହିତ୍ୟିକ ଡଃ ସୁକାନ୍ତ କୁମାର ଗିରି ମୁଖ୍ୟ ଅତିଥି, ଧ୍ରୁବ ଚରଣ ସଂସ୍କୃତ କଲେଜର ଅଧ୍ୟକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ମନ୍ମଥ କୁମାର ରାଉତ, ହରେକୃଷ୍ଣ ରାଉତ, ମହେନ୍ଦ୍ର ପଡ଼ିଆରୀ, କାର୍ତ୍ତିକ ଚନ୍ଦ୍ର ଜେନା, ରବୀନ୍ଦ୍ର କୁମାର ବିଶ୍ୱାଳ, ପ୍ରମୋଦ ପାତ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ନଳିନୀ କାନ୍ତ ପାଢ଼ୀ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ, ସରୋଜ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହାକୁ ଅଞ୍ଜନ ଦତ୍ତ, ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ପ୍ରିୟଙ୍କା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବେତନା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଳରାମପୁର, ୧୪।୨ (ସମିସ) : ବାଲିଆପାଳ ବ୍ଲକ ଅନ୍ତର୍ଗତ ବଳରମପୁର ପଞ୍ଚାୟତର ବେତନା ହରପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୀ ଉତ୍ସବ ଆଜି ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସୁନାରୁଇ କ୍ଲଷ୍ଟରର ସିଆରସିସି ବେଣୁଧର ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଲକ୍ଷ୍ମୀଧର ମିଶ୍ର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବନବିହାରି ଦାସ ଅଧିକାରୀ, ଛଡା ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଞ୍ଜନ କୁମାର ପଣ୍ଡା, ଆଲୁମିନି ସଭାପତି ପଞ୍ଚାନନ ପାତ୍ର, କମିଟି ସଦସ୍ୟ ସୁଦାମ କାନ୍ତ ଜେନା, ସୁଧାଂଶୁ ଶେଖର ପାତ୍ର ପ୍ରମୁଖ ଯୋଗଦେଇ ଶୃଙ୍ଖଳା ଓ ସଂସ୍କାର ଶିଖିଲେ ଛାତ୍ରଛାତ୍ରୀ ମାନେ ବଡ଼ ମଣିଷ ହୋଇପାରିବେ। ଶିକ୍ଷକ ଅରୁଣ ପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ସୁଶାନ୍ତ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଦୁର୍ଗାବତୀ ସେଠି, ସୁମତି ମାଣିକ, ସୁମତି ଆଚାର୍ଯ୍ୟ, ବୁଦ୍ଧିମତୀ ମଝି, ପରିଚାଳନା କମିଟି ର ହରେନ୍ଦ୍ର ଦାସ, ନନ୍ଦ ଦୁଲାଲ ଦାସ, ମିନତୀ ରାଉତ, ଜୟନ୍ତୀ ବେହେରା, କୁସୁମିତା ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା।

## ୪ ଦିନର ଶିଶୁପୁତ୍ରକୁ ବିକ୍ରି ଉଦ୍ୟମ

ବାଲେଶ୍ୱର, ୧୪।୨(ସମିସ): ସହଦେବଖୁଣ୍ଟା ଥାନା ଅଧିନରେ ଆଜି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ୪ ଦିନର ଶିଶୁ ପୁତ୍ରକୁ ବିକ୍ରୀ ଉଦ୍ୟମ କରିବା ଘଟଣା ଘଟିଛି। ପୁଲିସ ଉକ୍ତ ଶିଶୁ ପୁତ୍ରଟିକୁ ଉଦ୍ଧାର କରିବା ସହ ଶିଶୁ ପୁତ୍ରକୁ ନେଇଥିବା ଦୁଇ ଜଣ ମହିଳାଙ୍କୁ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ, ଆଜି ସକାଳେ ନଥିବା କାରଣରୁ ସେମାନେ ତାଙ୍କ ଠାରୁ ଆଣିଥିଲେ। ତେବେ ନୟନା ଏବଂ ଜୟସ୍ମିତା ଉକ୍ତ ଶିଶୁ ପୁତ୍ରକୁ ମେଡିକାଲକୁ ନେଇ ଚିକିତ୍ସା କରାଇବା ପରେ ଶିଶୁ ପୁତ୍ରର ମା ତାଙ୍କ ପିଲ୍ଙୁ ଫେରାଇ ଦେବା ପାଇଁ କହିଥିଲେ। ହେଲେ ସେମାନେ ଫେରାଇ ନଥିଲେ। ଏନେଇ ଥାନାରେ ଅଭିଯୋଗ ହୋବା ପରେ ପୁଲିସ ପିଲାକୁ



ସହଦେବଖୁଣ୍ଟା ଥାନା ଅଧିନରେ ଆଜିମାବାଦ ଅଞ୍ଚଳରରେ ରହୁଥିବା ଜଣେ ମହିଳା ତାଙ୍କର ୪ଦିନର ଶିଶୁ ପତ୍ରକୁ ଉକ୍ତ ଅଞ୍ଚଳର ନୟନା ସାହୁ ଏବଂ ଜୟସ୍ମିତା ସାହୁଙ୍କୁ ଦେଇଥିଲେ। ହେଲେ ତାଙ୍କୁ କିଛି ଟଙ୍କାରେ ବିକ୍ରି ହୋଇଥିଲେ ମଧ୍ୟ ସେମାନେ ବିକ୍ରି ହୋଇଥିବା କଥାକୁ ମାନି ନାହାନ୍ତି। ଏପରିକି ତାଙ୍କର ଶିଶୁ ପୁତ୍ରଟିଏ ଗ୍ରହଣ କରିଥିବା ଲୋକେ ଏବଂ ଦେଇଥିବା ତାଙ୍କ ମାଙ୍କୁ ଶିଶୁ ପୁତ୍ର ସମେତ ଆଣିଛି। ଏବଂ ଶିଶୁ ପୁତ୍ରକୁ ସେମାନଙ୍କ ଠାରୁ ଉଦ୍ଧାର କରିବା ଚାଇଲଡ ଲାଇନକୁ ହସ୍ତାନ୍ତର କରିବ ବୋଲି ସହଦେବଖୁଣ୍ଟା ଥାନା ଅଧିକାରୀ ପ୍ରେମପ୍ରଜ୍ଞା ମହାନ୍ତି ସୂଚନା ଦେଇଛନ୍ତି। ଏହାସହ ଅଧିକ ତଦନ୍ତ ଚଳାଇଛନ୍ତି ବୋଲି ମଧ୍ୟ କହିଛନ୍ତି।

## ଦେଉଳେଶ୍ୱର କ୍ଲବ୍ କ୍ରିକେଟ, ନୂଆଗାଁ ଦଳ ଚାମ୍ପିଅନ



ବାଲିଆପାଳ, ୧୪।୨(ସମିସ): ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଅଧିନସ୍ଥ ରଜ ପଡ଼ିଆ ଠାରେ ଦେଉଳେଶ୍ୱର କ୍ଲବ୍ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ମଧୁପୁରା ଦଳକୁ ହରାଇ ନୂଆଗାଁ ଦଳ ଚମ୍ପିଆନ ଆଖ୍ୟା ଅର୍ଜନ କରିଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସ୍ତା ନିର୍ବାଚନ ମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ରଞ୍ଜିତ୍ ମହାପାତ୍ର, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ୨୩ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ଯୁବ ନେତା ଜ୍ୟୋତି ପ୍ରକାଶ ଭୂୟାଁ, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ନାଥ, ପଞ୍ଚାୟତ ସଭାପତି ଅଧିର କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଖେଳକୁ ମଣ୍ଟୁ ବାରିକ୍ ଏବଂ ବ୍ରଜ ସୁନ୍ଦର ଦାସ ପରିଚାଳନା କରିଥିଲେ। ମନ୍ମଥ ପରିଡ଼ା, ଲିଟୁନ୍ ପାତ୍ର, କାର୍ତ୍ତିକ ଦାସ, ଦେବେନ୍ଦ୍ର ବେହେରା, ମନୋଜ ସାମଲ, ମନୋରଞ୍ଜନ ସାହୁ ପ୍ରମୁଖ ଦେଉଳେଶ୍ୱର କ୍ଲବ ଏବଂ ଶିବଶକ୍ତି ୟୁଥ୍ କ୍ଲବର ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଓୟୁଜେ ପକ୍ଷରୁ ପୁଲୱାମା ସହିଦ ଦିବସ ପାଳିତ




ବାଲେଶ୍ୱର, ୧୪।୨(ସମିସ): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଫକୀରମୋହନ ଗୋଲେଇ ଠାରେ ପୁଲୱାମା ସହିଦ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ ସହୀଦ ଦିବସ ପାଳନ କରାଯାଇଥିଲା। ଜାମ୍ମୁ କାଶ୍ମୀରର ପୂଲୱାମା ଠାରେ ସିଆରପିଏଫ ଯବାନମାନଙ୍କୁ ନେଇଯାଉଥିବା ଏକ ସେନା ବାହିନୀ ଗାଡ଼ିକୁ୨୦୧୯ ମସିହା ଆଜିର ଦିନରେ ଆତ୍ମଘାତୀ ବିସ୍ଫୋରଣରେ ଉଡ଼ାଇ ଦିଆଯାଇଥିଲା। ଫଳରେ ବସ୍‌ରେ ଯାଉଥିବା ୪୦ଜଣ ଯବାନଙ୍କର ଘଟଣା ସ୍ଥଳରେ ଦେହାନ୍ତ ହୋଇଯାଇଥିଲା। ଏହି ଦେଶ ପ୍ରେମୀ ଯବାନମାନଙ୍କ ଆତ୍ମୀୟ ସ୍ୱଜନଙ୍କ ପ୍ରତି ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ଆଜି ଗଭୀର ସମବେଦନା ଜଣା ଯିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଦେଶ ପାଇଁ ବଳିଦାନ ଦେଇଥିବା ଏହି ଯବାନମାନଙ୍କ ଦେଶପ୍ରେମ ଆଗାମୀ ଦିନର ଯୁବ ସମାଜ କୁ ଅଧିକରୁ ଅଧିକ ଅନୁପ୍ରାଣିତ କରିବା ବାର୍ତ୍ତା ଦେବାକୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ବୋଲି ଓୟୁଜେର ସଦସ୍ୟ ଓ ସାମ୍ବାଦିକମାନେ ମତବ୍ୟକ୍ତ କରିଥିଲେ। ସଂଘର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଦସ୍ୟ ଅଜିତ କୁମାର ମହାନ୍ତି, ଅଧୀପ କୁମାର ଜେନା, ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ମନୋଜ କୁମାର ରାଉଳ, ଅଜୀମ ବାଲେଶ୍ୱରୀ, ସେକ ନଜୀମ, ପ୍ରକାଶ ଚନ୍ଦ୍ର ମହାନ୍ତି, କଳିଙ୍ଗ କୁମାର ସାହୁ, ଭବାନୀ ଶଙ୍କର ବେହେରା, ରମଣୀ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ସଂଘର ଟାଉନ ସଭାପତି ହାଇଦର ଖାନ ସ୍ୱାଗତ ଭାଷଣ ଦେବା ସହିତ ଧନ୍ୟବାଦ ଦେଇଥିଲେ।

## ରାଉତପଡ଼ା ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା



ବାଲେଶ୍ୱର/ରୁପସା, ୧୪।୨(ସମିସ): ବସ୍ତା ବ୍ଲକ ରାଉତପଡ଼ା ସେବା ସମବାୟ ସମିତିର ୪୯ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଦେବାଶିଷ ମହାପାତ୍ର ଏହି ସଭାରେ ସଭାପତିତ୍ୱ କରି ସମିତିର ସର୍ବାଙ୍ଗୀନ ଉନ୍ନତି ପାଇଁ ଚାଷୀ, ଋଣୀ ଓ ଜନସାଧାରଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ବସ୍ତା ଶାଖା ପରିଚାଳକ ତୁଷାରକାନ୍ତ ପାତ୍ର, ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ଭୂଷଣ ତ୍ରିପାଠୀ ଯୋଗ ଦେଇ ସମିତିର ପ୍ରତ୍ୟେକ ନିୟମ ସମ୍ପର୍କରେ ସଚେତନ ହୋଇ ବିକାଶଧାରାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ସୃଷ୍ଟିଧର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଡାଇରେକ୍ଟର ଅଭିମନ୍ୟୁ ବର, ସାଦନ ସିଂ, କୈଳାସ ନାୟକ, ନରହରି ଦାସ, ମନୋରଞ୍ଜନ ଦାସ, ପ୍ରଦୀପ ଦାସ, ଧୀରେନ୍ଦ୍ର ଦାସ, ରତା ରାଉତ, ଆରତୀ ନାୟକ, ସୁଜାତା ମଣ୍ଡଳ, ରବୀନ୍ଦ୍ର ମହାନ୍ତି, ଅଚ୍ୟୁତାନନ୍ଦ ଗିରି, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ପୂର୍ବତନ ସଭାପତି ହରେନ୍ଦ୍ର କୁମାର ଦାସ ଓ ସନ୍ତୋଷ କୁମାର ବାରିକ, ଗଙ୍ଗାଧର ପାଣିଗ୍ରାହୀ, ଧନଞ୍ଜୟ ତ୍ରିପାଠୀ, ଚକ୍ରଧର ମହାନ୍ତି, ବାଞ୍ଛାନିଧି ଦେ, ଇଂ ଦିବାକର ରାଉତ ପ୍ରମୁଖ ବିଭିନ୍ନ ଉନ୍ନୟନମୂଳକ ପ୍ରସ୍ତାବ ଆଗତ କରିଥିଲେ। ସହ ସମ୍ପାଦକ ତପନ କୁମାର ଦୀକ୍ଷିତ ଧନ୍ୟବାଦ ଦେଇଥିଲେ। କର୍ମକର୍ତ୍ତା ଯତୀନ୍ଦ୍ର ଦାସ ଓ କବିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପିଲାଚୋର ସନ୍ଦେହରେ ଜଣେ ଅଟକ

ରାଜଘାଟ, ୧୪।୨ (ସମିସ): ବସ୍ତାରେ ପୁଣି ପିଲା ଚୋର ଆତଙ୍କ। ଯାହାକୁ ନେଇ ଆତଙ୍କିତ ଗ୍ରାମ ବାସୀ। ଶେଷରେ ସନ୍ଦିଗ୍ଧ ପିଲା ଚୋରକୁ କାବୁ କରି ପୋଲିସରେ ଜମା ଦେଲେ ଗ୍ରାମବାସୀ। ପ୍ରାପ୍ତ ସୂଚନା ମୁତାବକ ସିଂଲା ଥାନା ରଘୁନାଥପୁର ପଞ୍ଚାୟତ ଚକଅର୍ଜୁନି ଆଦିବାସୀ ସାହି ନିକଟରେ ଆଜି ସନ୍ଧ୍ୟା ପ୍ରାୟ ୬ଟା ବେଳେ ଦୁଇ ଜଣ ସନ୍ଦିଗ୍ଧ ବ୍ୟକ୍ତି ଦୁଇଜଣ କୁନି ବାଳିକାକୁ ଏକୁଟିଆ ଦେଖି ସେମାନଙ୍କୁ ଚକ୍ଲେଟ ଦେବ କହି ନିଜ ପାଖକୁ ଡ଼ାକିଥିଲା। ତେବେ ପିଲାମାନେ ଭୟରେ ତା ନିକଟକୁ ନଯାଇ ଦୌଡି ପଳାଇ ଯାଇ ଘରେ କହିଥିଲେ। ପରେ ପରିବାର ଲୋକେ ଓ ଗ୍ରାମବାସୀ ଜଣେ ସନ୍ଦିଗ୍ଧ ବ୍ୟକ୍ତିକୁ କାବୁ କରି ଏକ କ୍ଲବ ଘରେ ଅଟକ ରଖି ସ୍ଥାନୀୟ ସିଂଲା ପୁଲିସକୁ ଖବର ଦେଇଥିଲେ। ତେବେ ଅନ୍ୟ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳି ଥିବା ବେଳେ ଉଭୟ ସନ୍ଦିଗ୍ଧ ବ୍ୟକ୍ତି ବଙ୍ଗଳା ଓ ଖଣ୍ଡି ଓଡ଼ିଆରେ କଥା ହେଉଥିଲେ।

## ଗଇଁଚି ଚୋଟରେ ନାଗ କ୍ଷତାକ୍ତ



ସୋର, ୧୪।୨(ସମିସ): ସୋର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘର ବାଡ଼ିରେ ଖୋଳୁଥିବା ବେଳେ ଗଇଁଞ୍ଚି ଚୋଟରେ ଆହତ ହୋଇଥିବା ଏକ ନାଗସାପକୁ ବଞ୍ଚେଇବା ପାଇଁ ସୋର ପ୍ରାଣୀଧନ ଚିକିତ୍ସାଳୟ ଏବଂ ବାଲେଶ୍ୱର ପ୍ରାଣୀଧନ ମୁଖ୍ୟ ଚିକିତ୍ସାଳୟ, ବନ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି କେହି ସହଯୋଗ ନ କରିବାରୁ ନିରାଶ ହୋଇ ସାପଟିକୁ ଧରି ଘରେ ପହଞ୍ଚିଥିବା ଦେଖାଯାଇଛି। ସୋର ବ୍ଲକ ମାଣିପୁର ଭଡ଼ରାପଦା ଗ୍ରାମର ଦେବେନ୍ଦ୍ର ବେହେରା ଆଜି ସକାଳେ ନିଜ ବାଡ଼ିରେ ଏକ ଗଇଁଞ୍ଚିରେ ମାଟି ସଫା କରୁଥିବା ସମୟରେ ମାଟିତଳେ ରହିଥିବା ଏକ ୩ ଫୁଟ ଲମ୍ବର ନାଗ ସାପ ଉପରେ ଗଇଁଚି ଚୋଟ ବାଜିଯାଇଥିଲା। ଫଳରେ ଗୋଟିଏ ଜାଗାରେ କଟିଯାଇଥିଲା। ଏହା ଜାଣିବାପାରି ସେ ବିବ୍ରତ ହୋଇ ସାପଟିକୁ ବଞ୍ଚେଇବା ପାଇଁ ଏକ ଥଳିରେ ଧରି ସୋର ପ୍ରାଣୀଧନ ଚିକିତ୍ସାଳୟରେ ପହଞ୍ଚି ଥିଲେ। ମାତ୍ର ସେଠାରେ ପ୍ରାଣୀଧନ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ନିରାଶ ହୋଇ ବାଲେଶ୍ୱର ମୁଖ୍ୟ ପ୍ରାଣୀଧନ ଚିକିତ୍ସାଳୟରେ ପହଞ୍ଚି ସାପଟିକୁ ବଞ୍ଚେଇବା ପାଇଁ ଅନୁରୋଧ କରିଥିଲେ ସୁଦ୍ଧା ଆନ୍ଦୋଳନ କାରଣରୁ ତାଙ୍କୁ ବନ ବିଭାଗ ଅଫିସକୁ ପଠାଇଦେଇଥିଲେ। ସେ ସେଠାରୁ ବନ ବିଭାଗ କାର୍ଯ୍ୟରେ ପହଞ୍ଚିବା ପରେ ସାପକୁ ଚିକିତ୍ସା ନକରି ଜଙ୍ଗଲରେ ଛାଡ଼ି ଦେବା ପାଇଁ କହିବାରୁ ସେ ନିରାଶ ହୋଇ ଫେରିଆସି ନିଜ ଗ୍ରାମ ଶିବ ମନ୍ଦିର ନିକଟରେ ଛାଡ଼ିଦେଇଥିବା ଦେଖାଯାଇଛି।

## ୧୧ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ମହିଳା ଗିରଫ

ବାଲେଶ୍ୱର, ୧୪।୨(ସମିସ):

ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ଅରଡବଜାର ମସଜିଦ ଗଳିରୁ ଆଜି ପୁଲିସ ୧୧୦ ଗ୍ରାମର ବ୍ରାଉନସୁଗର ଜବତ କରିବା ସହ ଜଣେ ମହିଳା ବେପାରୀକୁ ଗିରଫ କରିଛି। ଗିରଫ ହୋଇଥିବା ବେପାରୀ ଜଣଙ୍କ ହେଉଛନ୍ତି ଅରଡବଜାର ଅଞ୍ଚଳର ସୋହେଲା ବିବି(୫୭) ବୋଲି ସହଦେବଖୁଣ୍ଟା ଥାନରେ ଅନୁଷ୍ଠିତ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସପି ଗାୟତ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ଏହାସହ ପୁଲିସ ତା ଠାରୁ ନଗଦ ୨୪ଶହ ଟଙ୍କା ମଧ୍ୟ ଜବତ କରିଛି। ଏ ନେଇ ଥାନାରେ ୫୯/୨୪ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି। ସୂଚନା ଅନୁସାରେ, ଅରଡବଜାର



ମସଜିଦ ଗଳିରେ ଜଣେ ମହିଳା ବ୍ରାଉନସୁଗାର ବିକ୍ରୀ କରୁଥିବା ନେଇ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ପୁଲିସ ତୁରନ୍ତ ଏକ ଟିମ ଗଠନ କରି ମସଜିଦ ଗଳିରେ ଚଢ଼ଉ କରିଥିଲା। ଏହି ଚଢ଼ଉ ବେଳେ ଉକ୍ତ ମହିଳା ଜଣଙ୍କ ବସି ସେଠାରେ ଜଣେ ଗ୍ରାହକକୁ ବ୍ରାଉନସୁଗାର ବିକ୍ରୀ କରୁଥିଲେ। ଏ ନେଇ ପୁଲିସ ତାଙ୍କୁ ଗିରଫ କରିବା ସହ ତା ଠାରେ ଥିବା ୧୧୦ଗ୍ରାମର ବ୍ରାଉନସୁଗାରକୁ ମଧ୍ୟ ଜବତ କରାଯାଇଛି। ଏହି ଜବତ ବ୍ରାଉନସୁଗାରର ମୂଲ୍ୟ ୧୧ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସହଦେବଖୁଣ୍ଟା ଥାନା ଅଧିକାରୀ ପ୍ରେମପ୍ରଜ୍ଞା ମହାନ୍ତି, ଏସଆଇ ଅଶୋକ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ଗିରଫ ହୋଇଥିବା ମହିଳାଙ୍କ ନାମରେ ପୂର୍ବରୁ ସହଦେବଖୁଣ୍ଟା ଥାନାରେ ମାମଲା ରହିଥିବା ବେଳେ ବସ୍ତା ଥାନାରେ ମଧ୍ୟ ତା ନାମରେ ଗୋଟିଏ ମାମଲା ରହିଛି।

# ବିଭିନ୍ନ ସ୍ଥାନରେ ବାଗ୍‌ଦେବୀଙ୍କ ଆରାଧନା


କ୍ଲବ ଫ୍ରୋଜେନ୍


ଫକୀରମୋହନ ବିଶ୍ୱବିଦ୍ୟାଳୟ


ଜଗାକାଳିଆ କ୍ଲବ


ରାଜପୁତ କ୍ଲବ


ରୟାଲ ୱାରିୟର


ସଂସ୍କାରୀ ବଏଜ କ୍ଲବ


ଟୟ ରୟ କ୍ଲବ


ଓଏଏସଆଇଏସ୍ ମହାବିଦ୍ୟାଳୟ


ଶିଶୁ ମନ୍ଦିର

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତିନିଜଣିଆ କାୟାକଳ୍ପ ଟିମ୍

ବାଲେଶ୍ୱର, ୧୪।୨(ସମିସ):




ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ କାୟାକଳ୍ପ ଟିମର ତିନି ଜଣିଆ ସଦସ୍ୟ ପରିଦର୍ଶନରେ ଆସିଛନ୍ତି। ଟିମ୍‌ରେ ଆଡିସିନାଲ ଡାଇରେକ୍ଟର(ପିଆଇଡି) ଅଞ୍ଜନା ପଣ୍ଡା, ରାଜ୍ୟ ମାଇକ୍ରୋବାୟୋଲୋଜିଷ୍ଟ ସସ୍ମିତା ମଲ୍ଲିକ ଏବଂ ନିଲଫର ବେଗମ (ଏସପିଓ ଜାପାଇଗୋ) ପ୍ରମୁଖ ଆସିଛନ୍ତି। ବିଶେଷକରି ଏହି ଟିମ୍ ଚେକଲିଷ୍ଟ ଅଧିନରେ ଥିବା ୮ଟି ବିଭାଗ ଉପରେ ତଦାରଖ କରିଥିଲେ। ସେଥିମଧ୍ୟରେ ମେଡିକାଲରେ ଥିବା ଇନଫ୍ରାଷ୍ଟ୍ରକର ଫେସିଲିଟି ସହ ରୋଗୀଙ୍କ ପାଇଁ ଥିବା ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ରୋଗୀମାନଙ୍କ ପାଇଁ ଥିବା ବେଡସିଟ, ଖାଦ୍ୟ ଆଦି ବିଭିନ୍ନ ସଫାସୁତରା, ହାଇଜିନ ପ୍ରମୋସନ, ଇକୋ ଫ୍ରେଣ୍ଡଲୀ ଏବଂ ଏହାସହ ମେଡିକାଲ ବାହାରେ ହେଉଥିବା ବିଭିନ୍ନ ସଚେତନା କାର୍ଯ୍ୟକ୍ରମ ଉପରେ ତଦାରଖ କରିଥିଲେ। ଏହାବ୍ୟତିତ ଏହି ଟିମ୍ ମେଡିକାଲର ସମସ୍ତ ୱାର୍ଡ ବୁଲିବା ସହ ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ଏପରିକି ରୋଗୀମାନଙ୍କୁ କି ପ୍ରକାର ଖାଦ୍ୟ ପ୍ରଦାନ କରାଯାଉଛି, ମେଡିକାଲ ମଧ୍ୟରେ ସଫାସୁତରା ରହୁଛି କି ନାହିଁ ତା ଉପରେ ମଧ୍ୟ ତଦାରଖ କରିଥିଲେ। ଏହି ଟିମ ମେଡିକାଲ କର୍ମଚାରୀମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏହାସହ ମେଡିକାଲର ରେକର୍ଡ ରେଜିଷ୍ଟ୍ରର ଯାଞ୍ଚ କରିବା ସହ ଆରକେଏସ ରେଜିଷ୍ଟ୍ରର ମଧ୍ୟ ଯାଞ୍ଚ କରିଥିଲେ। ମେଡିକାଲରେ ରହୁଥିବା ରୋଗୀମାନଙ୍କୁ ଉତ୍ତମ ସେବା ସଠିକ ଭାବେ ଯୋଗାଇ ଦିଆଯାଉଛି କି ନାହିଁ ତା ଉପରେ ମଧ୍ୟ ତଦାରଖ କରିଥିଲେ। ଏହି କାୟାକଳ୍ପରେ ଏହି ଚେକ ଲିଷ୍ଟରେ ଥିବା ବିଭାଗରେ ଶହେରୁ ୭୦ପ୍ରତିଶତ ମାର୍କ ରଖିଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାୟାକଳ୍ପରେ ଅର୍ନ୍ତଭୁକ୍ତ ହେବା ସହ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରାଶି ମଧ୍ୟ ପାଇ ପାରିବ। ରାଜ୍ୟରେ ଏକ ନମ୍ବର କୌଣସି ହସପିଟାଲ ହେଲେ ତାଙ୍କୁ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ମିଳିବ। ଏଣୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୭୦ରୁ ୮୦ନମ୍ବର ରଖିବ ବୋଲି ଡିପିଏମ ଅନୀଲ ମହାନ୍ତି ସୂଚନା ଦେଇଛନ୍ତି। ଏହି ଟିମ୍ ସାଙ୍ଗରେ କ୍ୱାଲିଟି ମ୍ୟାନେଜର ସଞ୍ଜୟ ପରିଡ଼ାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଫକୀରମୋହନ ମହାବିଦ୍ୟାଳୟରେ ଦର୍ଶନ ମଣ୍ଡପର ଶିଳାନ୍ୟାସ



ବାଲେଶ୍ୱର, ୧୪।୨(ସମିସ): ସାଂସଦ ପ୍ରତାପ ଷଡଙ୍ଗୀଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ୨୨ଲକ୍ଷ ଟଙ୍କା ଆର୍ଥିକ ଅନୁଦାନରେ ପୁରାତନ ଛାତ୍ର ସଂସଦ ସହଯୋଗରେ ଫକୀରମୋହନ ମହାବିଦ୍ୟାଳୟର ଦର୍ଶନ ମଣ୍ଡପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାଂସଦ ଶ୍ରୀ ଷଡଙ୍ଗୀ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଘୋଷ, ପୁରାତନ ଛାତ୍ର ସଂସଦର ସଭାପତି ଡ ପ୍ରଭାତ କୁମାର ଚୌଧୁରୀ, ଡ ସୁବାଷଚନ୍ଦ୍ର ପାତ୍ର, ବିଷ୍ଣୁପ୍ରସାଦ ମହାନ୍ତି, ଗୋପାଳଚନ୍ଦ୍ର ଜେନା, ରାମଚନ୍ଦ୍ର ପ୍ରଧାନ, ଦୀପକ ଦାସ, ପ୍ରଣିତା ମିଶ୍ର, ଚିତ୍ରା ପାତ୍ର, ଅନୀଲ ପଟ୍ଟନାୟକ, ଶ୍ୟାମାଚରଣ ଦାସ, ରମାକାନ୍ତ ମହାନ୍ତି, ମମତା ମହାପାତ୍ର, ଶୁଭଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିଆ ଶିଶୁ ମନ୍ଦିରରେ ପିତୃମାତୃ ପୂଜନ ଦିବସ

ବାଲେଶ୍ୱର, ୧୪।୨(ସମିସ): ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ସବୁଠି ଫେବୃଠଆରୀ୧୪ତାରିଖକୁ ଭାଲେଂଟାଇନ ଡେ ଭାବେ ପାଳନ କରାଯାଉଥିବା ବେଳେ ବାଲେଶ୍ୱର ବାଲିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏହି ଦିବସକୁ ପିତୃମାତୃ ପୂଜନ ଦିବସ ରୂପେ ପାଳନ କରାଯାଇଛି। ଏହି ଅବସରରେ ସକାଳେ ବିଦ୍ୟାଳୟରେ ପିତୃମାତୃ ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଗୁରୁବନ୍ଦନା କରିଥିଲେ। ପରେ ସମସ୍ତ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଉପସ୍ଥିତ ଗୁରୁଜୀ, ଗୁରୁମା ଏବଂ ସେମାନଙ୍କ ପିତାମାତାଙ୍କୁ ଧୂପ ଦୀପ ସହ ବନ୍ଦାପନା କରିବା ପରେ ପାଦସ୍ପର୍ଶ କରି ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ସେଠାରେ ଏକ ଭାବାବେଗମୟ ପରିବେଶ ସୃଷ୍ଟି ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କାଞ୍ଚନବାଳା ପାତ୍ର, ସମ୍ପାଦକ ଉପେନ୍ଦ୍ର ନାଥ ପାତ୍ର, ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ମହାନ୍ତି, କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ବଳିଦାନ ଦିବସ ପାଳିଲା ଆପଣ ଏକା ନୁହଁନ୍ତି ଟ୍ରଷ୍ଟ

ବାଲେଶ୍ୱର, ୧୪।୨(ସମିସ): ଫେବୃଆରୀ ୧୪କୁ ପ୍ରେମ ଦିବସ ନୁହଁ ବରଂ ବଳିଦାନ ଦିବସ ଭାବେ ଆପଣ ଏକା ନୁହନ୍ତି ଟ୍ରଷ୍ଟ ପକ୍ଷରୁ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ସଙ୍ଗଠନ ଆପଣ ଏକା ନୁହନ୍ତି ଟ୍ରଷ୍ଟ ପକ୍ଷରୁ ସଙ୍ଗଠନର ସଭାପତି ଅଜୟ କୁମାର ମହାନ୍ତି, ସମ୍ପାଦକ ଶୁଶାନ୍ତ କୁମାର ବେହେରା, ଉପଦେଷ୍ଟା ଶିବାନନ୍ଦ ପାଢ଼ୀ, ବରିଷ୍ଠ ସଦସ୍ୟ ଶଶିକାନ୍ତ ଦାସ, ଧନଞ୍ଜୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଦସ୍ୟ ଜୟନ୍ତ ପାତ୍ର, ରାଜେନ୍ଦ୍ର ମହାପାତ୍ର, ଶ୍ରୀକାନ୍ତ ସାହୁ, ହିମାଂଶୁ ନାୟକ, ବିରଞ୍ଚି ନାରାୟଣ ନାୟକ, ତନ ରାଉତ, ଅନାଦି ଧଡ଼ା, ଦେବି ପଦ୍ମା ପାଣି, ସବିତା ଷେଣ୍ଠ, ଉର୍ବଶୀ ଦାସ, ପୁଷ୍ପା ବେହେରା, ଲିପୁ ପଣ୍ଡା ପ୍ରମୁଖ ଖଇରା ବଜାର ରାଧାଶ୍ୟାମ ସ୍ମୃତିଭବନ ଠାରେ ଏକ ଶ୍ରଦ୍ଧାଞ୍ଜଳି ଦିବସ ଓ ଶୋକସଭା ଅନୁଷ୍ଠିତ ହୋଇଥିଲା।

## ଅମୃତଧାରା ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ସହାୟତା

ବାଲେଶ୍ୱର, ୧୪।୨(ସମିସ): ସମଗ୍ର ବିଶ୍ୱରେ ଭେଲେଂଟାଇନ ଦେ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରାଯାଇଥିବା ବେଳେ ଦିବଂଗତ ସ୍ୱାମୀଙ୍କ ସ୍ମୃତିରେ ସେବା କାର୍ଯ୍ୟ ମାଧ୍ୟମରେ ଏହି ଦିବସ



ପାଳିଛନ୍ତି ବାଲେଶ୍ୱର ସହରର ସାମାଜିକ କର୍ମୀ ମୀନତି ସେଠୀ। ଏହି କ୍ରମରେ ସ୍ୱାମୀଙ୍କ ନାମରେ ଗଠିତ ଦେବାଶିଷ ସେଠୀ ସ୍ମୃତି କମିଟି ପକ୍ଷରୁ ବାଲେଶ୍ୱର ସହରର ସହଦେବଖୁଂଟାର ଚାନ୍ଦମାରୀପଡ଼ିଆ ସ୍ଥିତ ଅମୃତଧାରା ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଏକମାସର ରାସନ, ଶୁଖିଲା ଖାଦ୍ୟ ଓ ବିଛଣା ଚାଦର ବାଣ୍ଟିଛନ୍ତି କମିଟିର ଅଧ୍ୟକ୍ଷା ମୀନତି। ଏ ନେଇ ବୃଦ୍ଧାଶ୍ରମ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୀନତିଙ୍କ ସହ କମିଟିର ସଦସ୍ୟାମାନେ ଉପସ୍ଥିତ ରହି ଅନ୍ତେବାସୀଙ୍କୁ ସାମଗ୍ରୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଳୀତା ତାଳଦୀ, ନିଶାମଣି ପ୍ରଧାନ, ଝୁନୁରାଣୀ ବାରିକ, ସନ୍ଧ୍ୟାରାଣୀ ଘଡେଇ, ବବିତା ଦାସ, ରୀନାରାଣୀ ମଲ୍ଲିକ, ଅଞ୍ଜଳି ବେହେରା, ସସ୍ମିତା ବେହେରା, ବୈଶାଖୀ ପଣ୍ଡା, ମିଠୁ ତରାଇ, ଆଶାମଣୀ ମହାରଣା, ସଙ୍ଗୀତା ଆଢ୍ୟ, ଫିଲି ଦାସ, ସକିରା ବାନୋ, ବୀଣା, ନାଜ ଖାନ, ସବନମ ଖାନ, ଜ୍ୟୋସ୍ନା ପାତ୍ର, ବିନତି ବେହେରା, ସୁମତୀ ଦାସ, ରଙ୍ଗା ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଜଜ୍‌ଙ୍କ କୋର୍ଟ ପରିସରରେ ନାଟକ 'କଣ୍ଢେଇ' ମଞ୍ଚସ୍ଥ

ବାଲେଶ୍ୱର, ୧୪।୨(ସମିସ):

ଜିଲ୍ଲା ଜଜଙ୍କ କାର୍ଯ୍ୟାଳୟପରିସରରେଓକିଲ ସଂଘ ଡ୍ରାମା କମିଟି ପକ୍ଷରୁ ନାଟକ 'କଣ୍ଢେଇ' ମଞ୍ଚସ୍ଥ ହୋଇଛି। କମିଟିର ଆବାହକ ବରିଷ୍ଠ ଓକିଲ ରବୀନ୍ଦ୍ର ନାଥ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନାଟକ ଓକିଲମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଅତିଥି ଭାବେ ଜିଲ୍ଲା ଓ ଦୌରାଜଜ ଅଶାନ୍ତ କୁମାର ଦାସ, ଜିଲ୍ଲାପାଳ ଦତାତ୍ରୟ ଭାଓସାହେବ ସିନ୍ଦେ, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଅସୀତ ପତି, ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ, ସହ ସମ୍ପାଦକ ଜିତେନ୍ଦ୍ର କୁମାର ଉପାଧ୍ୟାୟ, ଉପଦେଷ୍ଟା



ପ୍ରଦୀପ କର ପ୍ରମୁଖ ଯୋଗଦେଇଥିଲେ। କମିଟିର ଆବାହକ ରବୀନ୍ଦ୍ର ନାଥ ନାୟକ ସଭାପତିତ୍ୱ କରିଥିବାବେଳେ ଆଇନଜିବୀ ସତ୍ୟେନ୍ଦ୍ର ଉମାଶଙ୍କର ରାଉତ ମଞ୍ଚ ଆହ୍ୱାନ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ବରିଷ୍ଠ ଆଇନଜୀବୀ ହରିହର ଦାଶଙ୍କ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ କମିଟି ପକ୍ଷରୁ ଜିଲ୍ଲା ଜଜ, ଜିଲ୍ଲାପାଳ ଓ ଚଳଚିତ୍ର ଅଭିନେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ଅବସାଦଗ୍ରସ୍ତ ମନକୁ ସରସ ସୁନ୍ଦର ଓ ସତେଜ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନାଟକ ଏକ ଉତ୍ତମ ମାଧ୍ୟମ ବୋଲି ଜିଲ୍ଲା ଦୌରାଜଜ କହିଥିଲେ। ନାଟକ 'କଣ୍ଢେଇ'ରେ ବିଜୟ ପଣ୍ଡା, ଅର୍ଜ୍ଜୁନ ଚରଣ ଜେନା, ମାନସ ବିହାରୀ ଅଭସ୍ତି, ଜିତେନ୍ଦ୍ର ରାଉତ, ଅରୂପା ନନ୍ଦ ଦାସ, ଜିତେନ୍ଦ୍ର ଉପାଧ୍ୟାୟ, ଅର୍ଜ୍ଜୁନ ମହାନ୍ତି, କିଶୋର ବଲ୍ଲଭ ଦାସ, ସତ୍ୟ ପ୍ରକାଶ ବେହେରା, ପ୍ରଶାନ୍ତ ନାୟକ, ଗୌତମ ଦାସ, ମଧୁସ୍ମିତା ମହାନ୍ତି, କାମିନୀ କାନ୍ତ ଚୌଧୁରୀ, ରମେଶ ପାଢ଼ୀ, ସରୋଜ ପଣ୍ଡା, ଏମଡି ଇସଲାମ, ଗୌତମ ମହାନ୍ତି, ଗୋପାଳ ଶତପଥି, ସଞ୍ଜୟ ଚୌଧୁରୀ ପ୍ରମୁଖ ଅଂଶ ଗ୍ରହଣ କରିଥିବା ବେଳେ ମାଧବ ଚନ୍ଦ୍ର ପରିଡ଼ା ନିର୍ଦ୍ଦେଶନା ଦେଇଥିଲେ। ଡ ମୁଜିତ ପ୍ରଧାନ, ସହ ସମ୍ପାଦକ ଜିତେନ୍ଦ୍ର କୁମାର ଉପାଧ୍ୟାୟ ନାଟ୍ୟ ରଚନା କରିଥିଲେ।

## ବୃନ୍ଦାବତୀ ବିହାର ପରିଷଦର ସମ୍ବର୍ଦ୍ଧନା ସଭା

ବାଲେଶ୍ୱର, ୧୪।୨(ସମିସ): ବାଲିଆ ପଞ୍ଚାୟତର ବୃନ୍ଦାବତୀ ବିହାର ବିକାଶ ପରିଷଦ ପକ୍ଷରୁ ଡ. ଉପେନ୍ଦ୍ରନାଥ ପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଚଳିତ ମାସ ୩ତାରିଖରେ ଜର୍ମାନ ସ୍ଥିତ ପ୍ରାଚୀନ ଯୋଗ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶ୍ରୀ ପାତ୍ରଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା। ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ଜେନା ମଞ୍ଚ ଆହ୍ୱାନ କରି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ପରିଷଦର ଉପସଭାପତି ପୀତାମ୍ବର ଦାସ ସଭା ପରିଚାଳନା କରିଥିଲେ। ଅତିଥି ଭାବେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ଓ ସମ୍ମାନିତ ଅତିଥି ଭାବେ ଗୌରାଙ୍ଗ ପାଣିଗ୍ରାହୀ ପରିଷଦ ପକ୍ଷରୁ ଶ୍ରୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନେ ଶ୍ରୀ ପାତ୍ରଙ୍କର ବିଭିନ୍ନ ସାମାଜିକ କାର୍ଯ୍ୟ ଓ ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ସର୍ବୋପରି ସ୍ଥାନୀୟ ଅଞ୍ଚଳରେ ସରସ୍ୱତୀ ବିଦ୍ୟାମନ୍ଦିର ପ୍ରତିଷ୍ଠା କରିବାରେ ତାଙ୍କର ଭୂମିକା ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ କୋଷାଧ୍ୟକ୍ଷ ଡ. ଯଶୋବନ୍ତ ମହାନ୍ତି, ରତିକାନ୍ତ ବାଗୁଡ଼ାଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଡ ପାତ୍ରଙ୍କ ପତ୍ନୀ କାଞ୍ଚନବାଳା ପାତ୍ର ବିକାଶ ପରିଷଦର କାର୍ଯ୍ୟାବଳୀକୁ ପ୍ରଶଂସା କରିଥିଲେ। ହରେକୃଷ୍ଣ ଗିରି ଧନ୍ୟବାଦ ଦେଇଥିଲେ।

# ରାସ୍ତା ସମ୍ପ୍ରସାରଣ ପାଇଁ ଭାଙ୍ଗିଲା ହଜାରେ ଦୋକାନ

ପଞ୍ଚଲିଙ୍ଗେଶ୍ୱର, ୧୪।୨(ସମିସ):




ନୀଳଗିରିରୁ ବିଦୁ ବଜାର ପୂର୍ତ୍ତ ବିଭାଗର ରାସ୍ତା ସମ୍ପ୍ରସାରଣ ହେବାକୁ ଲାଗିଛି । ଗତ ୨ ଦିନ ହେବ ଦୋକାନୀ ମାନେ ପ୍ରଶାସନ ର ତାଗିଦ ଶୁଣି ନିଜ ନିଜ ଉଦ୍ୟମ ରେ ନିଜର ଦୋକାନ କୁ ଭାଙ୍ଗି ଦେଉଛନ୍ତି । ଏହି କ୍ରମରେ ପଞ୍ଚଲିଙ୍ଗେଶ୍ୱର ଛକ ବଜାରରେ ଥିବା ୧ ଶହରୁ ଉର୍ଦ୍ଧ ଦୋକାନ, ଶ୍ୟାମସୁନ୍ଦରପୁର ବଜାରର ୧୫୦ ଦୋକାନ, ସନ୍ତରାଗଡ଼ିଆ ର ୩୫୦ରୁ ଉର୍ଦ୍ଧ ଦୋକାନ, ବାରାକୁଇଲି ଛକରେ ୧୦୦ ରୁ ଉର୍ଦ୍ଧ ଦୋକାନ, ବଉଳଗଡ଼ିଆ ବଜାର ରେ ୨୫୦ ଦୋକାନ (ଆନୁମାନିକ ) ଭାବରେ ଭାଙ୍ଗି ଗଲାଣି। ଯାହାର ଫଳରେ ୧୦୦୦ ରୁ ଉର୍ଦ୍ଧ ଦୋକାନୀ ମାନେ ନିଜର ବୃତ୍ତି ହରାଇବା ନେଇ ଆଶଙ୍କା କରାଯାଉଛି । ଗତ ୬ ମାସ ତଳେ ଔପଦା ବିଡ଼ିଓ ଅଭିଷେକ ଦାସ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠି ଏବଂ କାଣ୍ଡ ଗରଡ଼ି ସରପଞ୍ଚ ରାଜେନ୍ଦ୍ର ରାଉତ ଙ୍କ ସହିତ ଦୋକାନୀ ସଙ୍ଘର ସଭାପତି, ସମ୍ପାଦକ ଙ୍କ ସହିତ ଅନ୍ୟ ଦୋକାନୀ ମାନେ ବସି ବଜାର ଭାଙ୍ଗିବା ପୂର୍ବରୁ ଦୋକାନୀ ମାନଙ୍କୁ ନୂଆ କମ୍ପ୍ଲେକ୍ସ କରି ଥଇଥାନ କରିବା ନେଇ ପ୍ରତିଶୃତି ଦେଇଥିବା ବେଳେ ପ୍ରତିଶୃତି ପାଳନ ହୋଇନଥିବା ନେଇ ଦୋକାନୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ରାସନ ହିତାଧିକାରୀଙ୍କୁ ବ୍ୟାଗ ବଣ୍ଟନ



ଜଳେଶ୍ୱର ବ୍ଲକ, ୧୪।୨ (ସମିସ) : ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର ଜଳେଶ୍ୱର ନଗର ରେ ବିଭିନ୍ନ ୱାର୍ଡ ମାନଙ୍କରେ ଗସ୍ତ ଯଥା:- ୧ ନମ୍ବର ୱାର୍ଡ ଝାଡେଶ୍ୱର ପୁର ଗ୍ରାମ ରେ ନିର୍ମାଣ ହେଉଥିବା ଖେଳ ପଡ଼ିଆ ଉନ୍ନତି କରଣ, ୧୬ ନମ୍ବର ୱାର୍ଡରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟେକ ରେଶନ କାର୍ଡଧାରୀ ମାନଙ୍କୁ ମନ୍ତ୍ରୀ ନିଜ ହାତରେ ଦୁଇଟି ସୁତଲି ଦଉଡି ର ବ୍ୟାଗ ବଣ୍ଟନ କରିଥିଲେ । ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ହେଉଥିବା ସ୍ଥାନ ପରିଦର୍ଶନ କରିବା ପରେ ମଣିପାଟଣା ରାସ୍ତା ନିର୍ମାଣ ହେଉଥିବା କାର୍ଯ୍ୟକୁ ବୁଲି ଦେଖିବା ସହିତ ମଣିପାଟଣା ଗ୍ରାମରେ ପାଳନ ହେଉଥିବା ସରସ୍ୱତୀ ପୂଜା ମଣ୍ଡପରେ ଯୋଗ ଦେଇଥିଲେ ଓ ଗ୍ରାମରେ ଏକ ସଭା କାର୍ଯ୍ୟରେ ଯୋଗ ଦେଇ ସରକାରଙ୍କ ଦ୍ୱାରା ବିଭିନ୍ନ ଜନ କଲ୍ୟାଣ ଯୋଜନା ବାବଦରେ ବକ୍ତବ୍ୟ ରଖିଥିଲେ । ଏଥିରେ ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ରଙ୍କ ସହ ଜଳେଶ୍?ର ନଗରପାଳ ପ୍ରତୀପ କୁମାର ପ୍ରଧାନ, ଟାଉନ ସଭାପତି ସୁରଜିତ ଘୋଷ, ମନ୍ତ୍ରୀଙ୍କ ପ୍ରତିନିଧି ସତ୍ୟ ରଞ୍ଜନ ଦାସ ମହାପାତ୍ର, ସଞ୍ଜିବ କୁମାର ପାଲ, ରାଜେଶ ଦେ, ନିଲୁ ସାହୁ, ସେକ ଅବଦୁଲ ରହିମ, ଦିପୁ ସାମନ୍ତ, ୱାର୍ଡ କାଉନସିଲର ଲକ୍ଷ୍ମଣ ସରେନ, ସେକ ସୈଫୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିବା ସ୍ଥଳେ ବିଭିନ୍ନ ୱାର୍ଡ ବାସୀ ମାନେ ସହଯୋଗର ହାତ ବଢ଼ାଇଛନ୍ତି ।

## ଜଳେଶ୍ୱରରେ ବାଗ୍‌ଦେବୀଙ୍କୁ ଆରାଧନା




ଜଳେଶ୍ୱର, ୧୪।୨(ସମିସ): ପବିତ୍ର ବସନ୍ତ ପଞ୍ଚମୀ ରେ ଜଳେଶ୍ୱର ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ, ମହା ବିଦ୍ୟାଳୟ, କ୍ଲବ ଓ ଅନ୍ୟ ଶିକ୍ଷାନୁଷ୍ଠାନରେ ବାଗ୍‌ଦେବୀ, ବିଦ୍ୟା ଦାୟିନୀ ମାଆ ସରସ୍ୱତୀ ଙ୍କ ପୂଜା ଆରାଧନା ବହୁ ଧୂମ ଧାମରେ ପାଳିତ ହୋଇ ଯାଇଛି । ସହରର ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟ, ଜଳେଶ୍ୱର ସରକାରୀ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜଳେଶ୍ୱର ମହିଳା ମହାବିଦ୍ୟାଳୟ, ଶ୍ରୀ ଜଗନ୍ନାଥ ଡିଗ୍ରୀ କଲେଜ, ଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିଂ ହ୍ୟୁମାନ କ୍ଲବ, ଡ୍ରିମର୍ସ କ୍ଲବ ଓ ଅନ୍ୟ ସ୍ଥାନ ରେ ମାଆ ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ତୋରଣ ସାଜସଜ୍ଜା ଦେଖିବା ପାଇଁ ବହୁ ଲୋକଙ୍କ ଭିଡ଼ ଜମି ଥିଲା । ବିଶେଷ କରି ସହରର ବଡ଼ ବଜାର ବାସନ୍ତୀ ପଡ଼ିଆ ପାଖରେ ବିଂ ହ୍ୟୁମାନ କ୍ଲବ ଠାରେ ବେଶ ଭିଡ଼ ପରିଲକ୍ଷିତ ହୋଇଥିଲା । କ୍ଲବର ସଭାପତି ବିନାୟକ ଦାସ, ଉପ ସଭାପତି ରାଜ କୁମାର ପରିଡ଼ା, ସୌରଭ ଗୁପ୍ତା, ରତିକ ପ୍ରଧାନ, ଶେଖ ସଫିର, ଅଭିଶେଖ ପରିଡ଼ା, ଅଭିଶେଖ ପ୍ରଧାନ, ସୌରଭ କର, ଆଶିଷ ସାହୁ, ସୁମିତ ପଟ୍ଟନାୟକ, ଅଂଶୁମାନ ପାତ୍ର ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ ।

## ଖଇରାରେ ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



ଖଇରା, ୧୪।୨ (ସମିସ): ୨୦୧୯ ଫେବୃଆରୀ୧୪ରେ ଜାମୁକାଶ୍ମୀରର ପୁଲୱାମାରେ ଶହୀଦ ହୋଇଥିବା ୪୦ଜଣ ଯବାନଙ୍କୁ ଖଇରା ରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଆପଣ ଏକା ନୁହଁନ୍ତି ଟ୍ରଷ୍ଟ ପକ୍ଷରୁ କବି ରାଧାଶ୍ୟାମ ସ୍ମୃତିଭବନରେ ଆୟୋଜିତ ସ୍ମୃତିସଭାରେ ଖଇରା ତହସିଲଦାର ପ୍ରଶାନ୍ତ କୁମାର ମହାରଣା ମୁଖ୍ୟ ଅତିଥି, ଖଇରା ଥାନା ଆଇଆଇସି ଗୟାଧର ବେହେରା ମୁଖ୍ୟବକ୍ତା, ଅଧ୍ୟାପକ ବିଜୟ କୁମାର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅବସରପ୍ରାପ୍ତ ସେନାଧିକାରୀ ମନମୋହନ ସ୍ୱାଇଁ, ଗୋପାଳ ଚରଣ ସାହୁ, ରାଜେନ୍ଦ୍ର କୁମାର ମହାପାତ୍ର ଓ ଖବରଦାତା ଗଦାଧର ଜେନା ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ବେହେରା, ସଭ୍ୟ ଧନଞ୍ଜୟ ପଣ୍ଡା, ଶଶିକାନ୍ତ ଦାସ, ରଞ୍ଜନ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ପ୍ରଥମେ ଖଇରା ହାଇସ୍କୁଲ ଓ ବ୍ଲକ ପରିସରରେ ଗାନ୍ଧି, ଗୋପବନ୍ଧୁ, ଫକିରମୋହନ ଙ୍କ ପ୍ରତିମୁର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା ।

## ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଜଳେଶ୍ୱର ବ୍ଲକ, ୧୪।୨ (ସମିସ) : ଜଳେଶ୍ୱର ସ୍ଥିତ ଶ୍ରୀ ଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅଧ୍ୟକ୍ଷା ମାମି ରାଣୀ ମହାନ୍ତିଙ୍କ ପୌରୋହିତ୍ୟରେ ଶିକ୍ଷା ସୌଧାନ୍ତର୍ଗତ ଦୀନକୃଷ୍ଣ ସଭା କକ୍ଷରେ ପ୍ରଥମ ବାର୍ଷିକ କଳା ସ୍ରୋତର ଛାତ୍ରୀ ମାନଙ୍କ ଦ୍ୱାରା ଦ୍ୱିତୀୟ ବାର୍ଷିକ କଳା ସ୍ରୋତର ଛାତ୍ରୀ ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା । ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ତଥା ତର୍କଶାସ୍ତ୍ର ପ୍ରାଧ୍ୟାପିକା ରାଜେଶ୍ୱରୀ ପାଣିଗ୍ରାହୀ ଯୋଗ ଦେଇ ବିଦାୟୀଙ୍କୁ ଆଶିର୍ବଚାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜଳେଶ୍ୱର ମହିଳା ମହା ବିଦ୍ୟାଳୟର ଅବସରପ୍ରାପ୍ତ ଅର୍ଥନୀତି ଅଧ୍ୟାପିକା ଇନ୍ଦୁମତୀ ଗିରି ନିଜ ବକ୍ତବ୍ୟରେ ଭବିଷ୍ୟତ ଜୀବନ ପୁଷ୍କଳ ଓ ନିରୁଦବିଘ୍ନ ହେଉ ବୋଲି ଶୁଭାର୍ଷିବାଦ ଢ଼ାଳିଥିଲେ । ସମ୍ମାନିତ ଅତିଥି ଭାବେ ଅନନ୍ତ କୁମାର ଦାସ ଅର୍ଥନୀତି ଅଧ୍ୟାପିକ ଯୋଗଦେଇ ବିଦାୟୀ ଛାତ୍ରୀଗଣଙ୍କୁସଫଳତାର ଦିଗଦର୍ଶନ ତଥା ସଫଳତାର ମନ୍ତ୍ର ଦେଇଥିଲେ । ଓଡ଼ିଆ ଅଧ୍ୟାପକ ଡ. ନୀଳକଣ୍ଠ ଖଣ୍ଡା ମଞ୍ଚ ଆହ୍ୱାନ, ଅତିଥି ପରିଚୟ ପ୍ରଦାନ ଓ ଛାତ୍ରୀର ସଫଳତାରେ ଗୁରୁ ର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ଗୃହ ବିଜ୍ଞାନର ଅଧ୍ୟାପିକା ଅଞ୍ଜଳି ଚକ୍ରବର୍ତ୍ତୀ ଆଶୀର୍ବଚନ ଦେବା ସହିତ ଧନ୍ୟବାଦ୍ ଅର୍ପଣ ପ୍ରଧାନ କରିଥିଲେ । ଇତିହାସ ପି.ଜି.ଟି. ଶ୍ରୀମାନ ସୌମୀୟ କୁମାର ପ୍ରଧାନ, ଇଂରାଜୀ ପି.ଜି. ଟି. ମଲ୍ଲିକା ଦାସ, ସଂସ୍କୃତ ବିଭାଗର ଅଧ୍ୟାପକ ଉଦୟ କୁମାର ଗିରି, ଚପରାସୀ ଅନିମା ଭୂୟାଁ, ପ୍ରଭାତି ସେଣ ପ୍ରମୁଖ ସମାରୋହ କୁ ସଞ୍ଚାଳନ କରିଥିଲେ ।



## ଆଦର୍ଶ ଶିକ୍ଷା ମନ୍ଦିର ଓ ସାଇ ପବ୍ଲିକ ସ୍କୁଲର ସାମ୍ବତ୍ସରିକ ଉତ୍ସବ



ଖଇରା, ୧୪।୨ (ସମିସ): ବାଲେଶ୍ୱର ଜିଲା ଖଇରା ସ୍ଥିତ ଆଦର୍ଶ ଶିକ୍ଷା ମନ୍ଦିର ଓ ନଟାପଡ଼ାସ୍ଥିତ ସାଇ ପବ୍ଲିକ ସ୍କୁଲରେ ସରସ୍ୱତୀ ପୂଜା ଓ ବାର୍ଷିକୋତ୍ସବ ଧୁମଧାମରେ ପାଳିତ ହୋଇ ଯାଇଛି । ଆଦର୍ଶ ଶିକ୍ଷା ମନ୍ଦିର ପରିଚାଳନା କମିଟିର ସଭାପତି ସୁଦର୍ଶନ ମହାରଥୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ବକ୍ତବ୍ୟରେ ବିଦ୍ୟାଳୟରେ ଶୈକ୍ଷିକ ପରିବେଶ ସୃଷ୍ଟି କରାଗଲେ ପିଲାମାନଙ୍କ ପଢ଼ିବା ପ୍ରତି ଆଗ୍ରହ ସୃଷ୍ଟି ହୋଇ ପାରିବ ବୋଲି କହିଥିଲେ । ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ମାଳତୀଲତା ସେଠୀ, ସମିତିସଭ୍ୟା ନର୍ମଦା ଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରତିଷ୍ଠାତା ପ୍ରଭାତ କୁମାର ଜେନା ବିବରଣୀ ପାଠ ଓ ଶିକ୍ଷକ ପ୍ରହ୍ଲାଦ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରଧାନଶିକ୍ଷକ ମଣିକିଙ୍କର ଜେନା, ପୂର୍ବତନ ଛାତ୍ରୀ ଡା ନିଶିରେଖା ବେହେରା, ଡା ଜୟଶ୍ରୀ ନାୟକ, ରୋହିତ କୁମାର ସାହୁ ଓ ସମୀକ୍ଷା ବେହେରାଙ୍କୁ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ରାଜଲକ୍ଷ୍ମୀ ବେହେରା ଓ ଲିପିକା ନାୟକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିଭଳି ନଟାପଡ଼ା ସାଇ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ଉତ୍ସବରେ ଅଭିମନ୍ୟୁ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ, ଜିଲା ପରିଷଦ ସଭ୍ୟା, ସରପଞ୍ଚ ଓ ସମିତି ସଭ୍ୟାଙ୍କ ବ୍ୟତିତ ପ୍ରାକ୍ତନ ଶିକ୍ଷକ ଶିବପ୍ରସାଦ ମହାନ୍ତି ଓ ପିତାମ୍ବର ପତି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷୟତ୍ରୀ କଳ୍ପନା ମଞ୍ଜରୀ ରାଉଳ ଓ ସହକାରୀ ଶିକ୍ଷୟତ୍ରୀ ଅଞ୍ଜଳୀ ଜେନା ମଞ୍ଚ ପରିଚାଳନା କରିଥିଲେ । ସମ୍ପାଦକ ପିତାମ୍ବର ମହାପାତ୍ର ବିବରଣୀ ପାଠ କରିଥିଲେ । ଶେଷରେ ଉଭୟ ବିଦ୍ୟାଳୟରେ ପିଲାମାନଙ୍କ ଦ୍ୱାରା ସାସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ ହୋଇଥିଲା ।

## ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଜଳେଶ୍ୱର, ୧୪।୨ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୀମାନ୍ତ ନଛିମପୁର ପଞ୍ଚାୟତ ହାଇସ୍କୁଲରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ବୁଧବାର ସରସ୍ୱତୀ ପୂଜା ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପରିଡ଼ା ସଭାପତିତ୍ୱ କରିଥିଲେ । ଝରଣା ପରିଡ଼ା ଓ ସାଥି ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଶିକ୍ଷକ ଆଶିଷ ଦେ ମଞ୍ଚ ଆହ୍ୱାନ କରିଥିବା ବେଳେ ସହ ଶିକ୍ଷକ ଅନନ୍ତ ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ସୁଦାମ ଚରଣ ପାତ୍ର, ମୁଖ୍ୟ ବକ୍ତା ଭାବେ ନରୋତ୍ତମ ପ୍ରଧାନ, ସମ୍ମାନିତ ଅତିଥି ସରପଞ୍ଚ ରାଜେଶ କୁମାର ଜେନା, ବିଦ୍ୟାଳୟର ସଭାପତି ସୌରେନ୍ଦ୍ର ଦେ, ସିଆରସିସି ମାଖନଲାଲ ବେରା, ଅନୁଷ୍ଠାନର ପ୍ରତିଷ୍ଠାତା ନିତ୍ୟାନନ୍ଦ ଦାସ, ପ୍ରଧାନ ଶିକ୍ଷକ ପ୍ରଣବ ଦାସ, ଅନାଦି ଚରଣ ଗିରି, କମଳ ଲୋଚନ ପାତ୍ର, ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ହୋଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା, ଶିକ୍ଷାଦାନ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସମ୍ପର୍କରେ ଅଭିଭାଷଣ ରଖିଥିଲେ । ଅନୁଷ୍ଠାନରେ ୫ ଜଣ ଶିକ୍ଷକ ଓ କର୍ମଚାରୀ ଅବସର ନେଇଥିବା ବେଳେ କମ୍ପ୍ୟୁଟର୍ ଥାଇ ମଧ ଶିକ୍ଷକ ଅଭାବରୁ ଶିକ୍ଷାଦାନ ରେ ଘୋର ବାଧାପ୍ରାପ୍ତ ହେଉଥିବା କହିଥିଲେ । ବିଦ୍ୟାଳୟର ଶିକ୍ଷାର୍ଥୀଙ୍କ ଦ୍ୱାରା ସଚେତନତା ଧର୍ମୀ ନୃତ୍ୟାଭିନୟ ଓ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା । ବାର୍ଷିକ ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ପ୍ରାକ୍ତନ ଶିକ୍ଷକ ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବିଜେପି କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଜଳେଶ୍ୱର ବ୍ଲକ, ୧୪।୨ (ସମିସ) : ଜଳେଶ୍ୱର ଭଞ୍ଜଶ୍ରୀ ଭବନରେ ବିଜେପି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି । ୨୦୨୪ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ସମସ୍ତ ୪୯ ଗୋଟି ପଞ୍ଚାୟତର ପ୍ରମୁଖ ଓ ୧୭ ଗୋଟି ୱାର୍ଡର ସଭାପତି ମାନେ ଉକ୍ତ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଉପସ୍ଥିତ ଥିଲେ । ଯୁବନେତା ସିଦ୍ଧାର୍ଥ ଶଙ୍କର ପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଜିଲ୍ଲା ଉପ ସଭାପତି ପ୍ରବୀର କୁମାର ପ୍ରଧାନ, ରାଜ୍ୟ କୃଷକ ନେତା ସମୀର କୁମାର ପାତ୍ର, ବ୍ଲକ ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ନଗର ସଭାପତି ତଥା ପୌର ସାଂସଦଙ୍କ ପ୍ରତିନିଧି ଫାଲ୍ଗୁନୀ ପାଣିଗ୍ରାହୀ, ନାରୀନେତ୍ରୀ ସୁମତି ରାଣୀ ଦେ, ମଣ୍ଡଳ ସଭାପତି ତରୁଣ ପଟ୍ଟନାୟକ, ବିଶ୍ୱରୂପ ଦାସ, ତପନ ବିଶ୍ୱାଳ, ବିଜୟ ସାମଲ ଓ ଭୂପେନ ସାହୁ, କାଉନସିଲର ଚନ୍ଦନ କୁମାର ଦାସ ଓ ସଦସ୍ୟ ମୁକୁନ୍ଦ ରଞ୍ଜନ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ ।

## ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ



ସିମୁଳିଆ, ୧୪।୨(ସମିସ): ବାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧିର କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ସିମୁଳିଆ ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ ଯୋଗଦେଇ ଉଦଘାଟନ କରିଥିଲେ । ମୁଖ୍ୟବକ୍ତାଭାବେ ସିମୁଳିଆ ବ୍ଲକ ସହକାରୀ ଶିକ୍ଷାଧିକାରୀ ଅଜୟ କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ସି.ଆର.ସି.ସି ପର୍ଶୁରାମ ଶଙ୍ଖୁଆ, ବି.ଆର.ଟି ବିଶ୍ୱମ୍ବର ପଣ୍ଡା, ସରପଞ୍ଚ ହରପ୍ରିୟା ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଜୟ କୁମାର ନାୟକ ଓ ପଞ୍ଚାୟତ ହାଇସ୍କୁଲ ବାଟିର ଶିକ୍ଷକ କୃପାସିନ୍ଧୁ ନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭା ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସ୍ୱାଗତ ନୃତ୍ୟ ପରିବେଷଣ ହୋଇଥିଲା । ବିଦ୍ୟାଳୟର ଶିକ୍ଷୟତ୍ରୀ ପୂର୍ଣ୍ଣିମା ନାୟକ ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ମଞ୍ଜୁଲତା ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଶିକ୍ଷକ ଦାଶରଥି ଘଡିଆଙ୍କ ସହାୟତାରେ ଛାତ୍ରଛାତ୍ରୀମାନେ ନିଜ ନିଜର ପିତା ଓ ମାତାଙ୍କୁ ପୂଜନ କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ବର୍ଦ୍ଧିତ ପ୍ରଧାନଶିକ୍ଷକ ସୁଧିର କୁମାର ପାତ୍ର ଓ ରସିଦପୁର ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ଗ୍ରହାଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଦୁଇ ଭାଇଙ୍କୁ ଆକ୍ରମଣ କରି ଟଙ୍କା ଓ ବାଇକ ଲୁଟ୍



ବସ୍ତା ବ୍ଲକ, ୧୪।୨ (ସମିସ): ବସ୍ତା ଥାନା ଅନ୍ତର୍ଗତ କୁଣ୍ଡପୁର ଗ୍ରାମର ଦୁଇ ଭାଇ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ଲୁଟ ର ଶିକାର ହୋଇଛନ୍ତି । ଲୁଟେରା ମାନେ ସେମାନଙ୍କୁ ମରଣାନକ ଆକ୍ରମଣ କରି ଟଙ୍କା ଓ ତାଙ୍କ ବାଇକ ଲୁଟି ନେଇ ଥିବା ବେଳେ ସେମାନେ ଗୁରୁତର ହୋଇ ବାଲେଶ୍ୱର ମୁଖ୍ୟ ହସ୍ପିଟାଲ ରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି । ଅଭିଯୋଗ ରୁ ପ୍ରକାଶ ଯେ ଏହି ଥାନା ଅନ୍ତର୍ଗତ ବ୍ରାହ୍ମଣଦା ପଞ୍ଚାୟତର କୁଣ୍ଡପୂର୍ ଗ୍ରାମର ଅଜୟ କୁମାର ବେହେରାଙ୍କ ବସ୍ତା ବଜାର ରେ ଏକ ତେଜରାତି ଦୋକାନ ଅଛି । ସବୁଦିନ ପରି ଅଜୟ ଓ ତାଙ୍କ ଭାଇ ଅକ୍ଷୟ ଦୋକାନ ବନ୍ଦ କରି ତାଙ୍କ ବାଇକ ରେ ମଙ୍ଗଳବାର ରାତି ୧୦ ଟା ୩୦ ସମୟରେ ଘରକୁ ଫେରୁଥିବା ସମୟରେ ତାଙ୍କ ଗ୍ରାମ ରାସ୍ତା ପଥୁରିଆ ଗ୍ରାମ ନିକଟରେ ଲୁଟେରା ମାନେ ଦୁହିଁ ଙ୍କୁ ଅଟକାଇ ପ୍ରବଳ ମାଡ଼ ମାରିବା ସହ ମରଣାବକ ଆକ୍ରମଣ କରିଥିଲେ । ଫଳରେ ଦୁଇ ଭାଇ ଗୁରୁତର ଅବସ୍ଥାରେ ତଳେ ପଡ଼ିଥିବା ବେଳେ ଲୁଟେରା ମାନେ ତାଙ୍କ ବାଇକ ଓ ୨୫ ହଜାର ଟଙ୍କା ଲୁଟି ଫେରାର ହୋଇ ଯାଇ ଥିଲେ । ପଛ ରେ ଆସୁଥିବା ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥଲେ । ଏନେଇ ଅକ୍ଷୟ କୁମାର ବେହେରା ବସ୍ତା ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଲୁଟରେ ୬ ରୁ ଉର୍ଦ୍ଧ ଲୁଟେରା ସାମିଲ ଥିବା ବେଳେ ସେମାନେ ମୁହିଁ କୁ କପଡ଼ା ରେ ବାନ୍ଧି ଥିବା ଦେଖିବାକୁ ମିଳିଥିଲା ବୋଲି ଅଭିଯୋଗ କରୀ ପ୍ରକାଶ କରିଛନ୍ତି । ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ଗ୍ରାମ ରାସ୍ତା ରେ ଏଭଳି ଲୁଟ ଆତଙ୍କ ଖେଳାଇ ଦେଇଥିବା ବେଳେ ପୁଲିସ କୁ ଖୋଲା ଖୋଲି ଚାଲେଞ୍ଜ ଦେଇଥିବା ଆଲୋଚନା ହେଉଛି ।

# କାଶୀଶ୍ୱର ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ

ରାଜଘାଟ, ୧୪।୨ (ସମିସ) :



ବସ୍ତା ବ୍ଲକ ନଟାକଟା ପଞ୍ଚାୟତ ଅନ୍ତର୍ଗତ ଚାଷୀପଡ଼ା କାଶୀଶ୍ୱର ଉପ୍ରା(ମଇ) ବିଦ୍ୟାଳୟରେ ପୂର୍ବାହ୍ଣରେ ସରସ୍ୱତୀ ପୂଜା ଏବଂ ଅପରାହ୍ଣରେ ବାର୍ଷିକ କ୍ରୀଡ଼ା ସହ ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବଂଶୀଧର ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ମୁଖ୍ୟବକ୍ତା ଭାବେ ଜାମଶୂଳି କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ରସିକାନନ୍ଦ ମହାନ୍ତି ଯୋଗଦେଇ କାଶୀଶ୍ୱର ଉପ୍ରା ବିଦ୍ୟାଳୟ ହେଉଛି ଆମ ଏ ଅଞ୍ଚଳର ସର୍ବୋତ୍କୃଷ୍ଟ ଶିକ୍ଷା ପ୍ରତିଷ୍ଠାନ ଏବଂ ଏହି ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଉତ୍ତୀର୍ଣ୍ଣ ହୋଇ ଆଜି ଅନେକାଂଶ ଉଚ୍ଚ ପଦାଧିକାରୀ ଆସନରେ ଅଧିଷ୍ଠିତ ବୋଲି ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ସମାଜସେବୀ ଭୁବନ ଚନ୍ଦ୍ର ରଣା, ଚିକିତ୍ସକ ହୃଷୀକେଶ ମଣ୍ଡଳ, ବିଦ୍ୟାଳୟର ପ୍ରତିଷ୍ଠା ସଦସ୍ୟ ମନ୍ମଥ ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଦାସ, ଚାଷୀପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନୀଲ କୁମାର ମାରାଣ୍ଡି, କ୍ଲଷ୍ଟର ସିଆରସିସି ଉମେଶ ଚନ୍ଦ୍ର, ପ୍ରାକ୍ତନ ଶିକ୍ଷୟିତ୍ରୀ ଅନିତା ଦାସ, ଅବସରପ୍ରାପ୍ତ ସେନା କର୍ମଚାରୀ ମାନସ ରଞ୍ଜନ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ କୁମାର ପାତ୍ର, ସ୍ଥାନୀୟ ସରପଞ୍ଚ ବନ୍ଦନା ସେଠୀ, ସମିତି ସଦସ୍ୟା ପ୍ରତିନିଧି ଗଣେଶ ଚାନ୍ଦ, ପୂର୍ବତନ ଜିଲା ପରିଷଦ ଶମ୍ଭୁନାଥ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରିହର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷକ ପ୍ରଦୀପ ବାରିକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟ ତରଫରୁ ଆୟୋଜିତ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ଶିକ୍ଷକ ଭବାନୀ ଶଙ୍କର ନାୟକ, ସହକାରୀ ଶିକ୍ଷକ ରାଜେଶ କୁମାର ଦାସ ଓ ଶିକ୍ଷୟିତ୍ରୀ ସୁଧାରାଣୀ ସିଟଙ୍କ ଉପସ୍ଥିତିରେ ପୁରସ୍କାର ବିତରଣ କରାଯାଇଥିଲା । ଶିକ୍ଷୟିତ୍ରୀ ପାର୍ବତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମନ୍ଦିର ତାଲାଭାଙ୍ଗି ଅଳଙ୍କାର ଚୋରି

ନାମ୍ପୋ, ୧୪।୨ (ସମିସ): ଜଳେଶ୍ୱର ଥାନା ସମ୍ପଡିଆ ପଞ୍ଚାୟତର ବାଗପୁଞ୍ଜି ଗ୍ରାମରେ ଥିବା ସିଦ୍ଧେଶ୍ୱର ମହାଦେବ ମନ୍ଦିରର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଆସବାବପତ୍ର ଚୋରି ହୋଇଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିରର ପଛ ପଟ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର, ତମ୍ବା ନାଗ, ବାସନ ଓ ଅନ୍ୟାନ୍ୟ ଆସବାବପତ୍ର ସମେତ ଢ଼ାକବାଜି ଯନ୍ତ୍ର ଓ ବୈଦ୍ୟୁତିକ ବାଦ୍ୟଯନ୍ତ୍ର ଲୋଟି ନେଇଥିବା ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଙ୍କ ପକ୍ଷରୁ ଏନେଇ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ସନ୍ଧାନୀ କୁକୁର ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ଭାରତବନ୍ଦକୁ ସଫଳ କରିବାକୁ ପ୍ରସ୍ତୁତି

ଜଳେଶ୍ୱର ବ୍ଲକ, ୧୪।୨ (ସମିସ) : ୧୬ ଫେବୃଆରୀ ଭାରତ ବନ୍ଦ ଡକରାକୁ ସଫଳ କରିବା ନେଇ ସିପିଆଇ (ଏମ୍) ସୁଗୋ ଶାଖା ସମର୍ଥନ ଜଣାଇବା ସହିତ ଶାଖା ଅଧିନ ମହିଳା ସଂଗଠନ, ନିର୍ମାଣ ଶ୍ରମିକ ଶାଖା ସଂଗଠନ, ଆଦିବାସୀ ଅଧିକାର ମଞ୍ଚ, କୃଷକ ତଥା କ୍ଷେତ ମଜଦୁର ୟୁନିଅନର ନେତୃତ୍ୱ ଓ ସଦସ୍ୟମାନେ ବନ୍ଦକୁ ସଫଳ କରିବା ନେଇ ଆଲୋଚନା କରିଥିଲେ। ଗଣେଶ ଜେନାଙ୍କ ସଭାପତିତ୍ୱରେ ବିଶିଷ୍ଟ ବାମପନ୍ଥୀ ନେତା ଶିଶିର ଦୁଇ, ଦିଲ୍ଲୀପ ଗିରି, ଦିପ୍ତିମାନ ଆଚାର୍ଯ୍ୟ, ମମି ପଣ୍ଡା ଯୋଗଦେଇ ବର୍ତ୍ତମାନର କେନ୍ଦ୍ରର ମୋଦୀ ସରକାରଙ୍କ ଶ୍ରମିକ, କୃଷକ ମାରଣ ତଥା ଜନ ବିରୋଧୀ ନୀତି ବିରୋଧରେ ତଥ୍ୟ ଉପସ୍ଥାପନ କରି ବନ୍ଦର କାରଣ ସମ୍ପର୍କରେ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାଖାର ଗଣ ସଂଗଠନର ନେତୃତ୍ୱ ଗୌରୀକାନ୍ତ ମହାନ୍ତି, ଅଜିତ ଦାସ, ଶରତ ମହାନ୍ତି, ମମତା ରାଜ, ଦେବେନ୍ଦ୍ର ପରିଡ଼ା, ପରମେଶ୍ୱର ପଲାଇ, ଝରଣା ଘଡାଇ, ବାବାଜୀ ଜେନା, ସୂର୍ଯ୍ୟକାନ୍ତ ପାତ୍ର, ନୀଳକଣ୍ଠ ମହାନ୍ତି, ମହାମାୟା ରାଜ, ଧିରେନ ରାମ, ଆଲୋଚନାରେ ଅଂଶଗ୍ରହଣ କରି ବନ୍ଦକୁ ସଫଳ କରିବା ନେଇ ନିଜର ଆଭିମୁଖ୍ୟ ତଥା କାର୍ଯ୍ୟପନ୍ଥା ସମ୍ବନ୍ଧରେ ମତ ରଖିଥିଲେ।

## ଅରୁଣ ଦେଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସାହାଯ୍ୟାର୍ଥେ ବୈଠକ

ବାଲେଶ୍ୱର, ୧୪।୨(ସମିସ): ମଧୁପୁରା ଅନନ୍ତପୁର ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିଥିବା ମହାନ ବ୍ୟକ୍ତି ସ୍ୱର୍ଗତ ଅରୁଣ ଦେଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସାହାଯ୍ୟାର୍ଥେ ନିମନ୍ତେ କାଳୀଚରଣ ଲେଙ୍କାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଧୀରେନ୍ଦ୍ର ନାଏକ, ସୁବାସ ଲେଙ୍କା, ଗୋପୀନାଥ ଜେନା, ଚଷାଖଣ୍ଡ ପୂର୍ବତନ ସରପଞ୍ଚ ଶରତ ନାୟକ, ଅନିରୁଦ୍ଧ ସ୍ୱାଇଁ, କରୁଣାକର ଜେନା, ରମାକାନ୍ତ ବାରିକ, ପ୍ରତାପ ଭୂୟାଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ୧୬ରେ ଦେଶବ୍ୟାପୀ ଧର୍ମଘଟ କରିବ ସିପିଆଇଏମ୍

ଭୋଗରାଇ, ୧୪।୨ (ସମିସ) : ୧୬ ତାରିଖ ଭାରତ ବନ୍ଦ ଆନ୍ଦୋଳନକୁ ସଫଳ କରିବା ପାଇଁ ସିପିଆଇ (ଏମ୍) ଭୋଗରାଇ ଆଞ୍ଚଳିକ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ସହିତ ଏହାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏହି ପରିବର୍ଦ୍ଧିତ ତଥା ପ୍ରସ୍ତୁତି ବୈଠକ ଓ ପରେ ଅନୁଷ୍ଠିତ ସାମ୍?ାଦିକ ସମ୍ମିଳନୀରେ ବରିଷ୍ଠ କମ୍ୟୁନିଷ୍ଟ ନେତା ଚିତ୍ତରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନବିରୋଧୀ ତଥା ଶ୍ରମିକ ଓ କୃଷକ ମାରଣ ନୀତି ବିରୋଧରେ ଦେଶବ୍ୟାପୀ ୧୬ ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଛି ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ। ଅତ୍ୟାବଶ୍ୟକୀୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଓ ରାଷ୍ଟ୍ରାୟତ ସମ୍ପତ୍ତିର ଘରୋଇକରଣ ବନ୍ଦ କରିବା, ବେକାର ବୃଦ୍ଧି ସମସ୍ୟାର ସମାଧାନ କରିବା, ଶ୍ରମିକ ମାନଙ୍କ ମାସିକ ମଜୁରୀ ୨୬ ହଜାର ଟଙ୍କା ଓ ଧାନର ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କା କରିବା, ହିଟ ଏଣ୍ଡ ରନ୍ ଆଇନ ଓ ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରତ୍ୟାହାର କରିବା ଆଦି ୨୧ ଦଫା ଦାବିକୁ ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା, ମିଳିତ ଟ୍ରେଡ ୟୁନିୟନ ଓ ସ୍ୱାଧୀନ ଫେଡେରେସନ ପକ୍ଷରୁ ମିଳିତ ଭାବେ ଦେଶବ୍ୟାପୀ ଏହି ବନ୍ଦ ଡାକରା ଦିଆଯାଇଛି। ଭୋଗରାଇ ବ୍ଲକ ଅଞ୍ଚଳରେ ଏହି ଧର୍ମଘଟକୁ ସଫଳ କରି କେନ୍ଦ୍ର ସରକାରଙ୍କୁ ଚେତାବନୀ ଦେବା ପାଇଁ ସିପିଆଇ (ଏମ୍) ଭୋଗରାଇ ଆଞ୍ଚଳିକ କମିଟି ପକ୍ଷରୁ ଜନ ସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି। ବରିଷ୍ଠ କମ୍ୟୁନିଷ୍ଟ ନେତା ଅଧୀର ଗିରି ଗୋସ୍ୱାମୀ, ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ସିପିଆଇ (ଏମ୍) ଜିଲ୍ଲା କମିଟି କାର୍ଯ୍ୟକାରୀ ସଦସ୍ୟ ଦୀପ୍ତିମାନ ଆଚାର୍ଯ୍ୟ, ସିପିଆଇ (ଏମ୍) ଭୋଗରାଇ ଆଞ୍ଚଳିକ କମିଟି ସମ୍ପାଦକ ଆଇନଜୀବୀ ବିଶ୍ୱଜିତ ଦାସ, ଆଦିବାସୀ ନେତା କୃଷ୍ଣମୋହନ ମୁର୍ମୁ, ଦଳୀୟ ସଦସ୍ୟ ତଥା ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ସମ୍ପାଦକ ଜଗନ୍ନାଥ ମାଇତି, ଶ୍ରମିକ ନେତା ଶୁକଦେବ ସାହୁ, ଅଶୋକ କୁଣ୍ଡୁ, ରାଜେଶ ଦତ୍ତ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଖଇରା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଅଚଳାବସ୍ଥା

ଖଇରା, ୧୪।୨ (ସମିସ):




ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଖଇରା ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ସହ ନିବନ୍ଧକ ପଦବୀ ତଥା କର୍ମଚାରୀ ମରୁଡ଼ି ଏହାର କୁପରିଣାମ କାମପାଇଁ ଆସୁଥିବା ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି। ସେପଟେ ଦାୟିତ୍ୱ ପ୍ରଦାନ କରାଯାଇଥିବା ଖଇରା ତହସିଲଦାର ଅନ୍ୟାନ୍ୟ ଜରୁରୀ କାର୍ଯ୍ୟରେ ବ୍ୟସ୍ତ ରହି ଅପରାହ୍ନରେ ଆସୁଥିବାରୁ ବୁଢ଼ୀବୁଢା ମାନଙ୍କୁ ଜମି କାମରେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଏଭଳି ମାନସିକ ନିର୍ଯ୍ୟାତନା ଦେବା ଅପେକ୍ଷା ଖଇରା କାର୍ଯ୍ୟାଳୟକୁ ବନ୍ଦ କରିଦେବା ଅପେକ୍ଷାକୃତ ଭଲ ହେବ ବୋଲି ବିଭିନ୍ନ ସଙ୍ଗଠନ ତରଫରୁ ଅଭିଯୋଗ କରାଯାଇଛି।
ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ ଉପ ନିବନ୍ଧକ ପ୍ରଶାନ୍ତ କୁମାର ପୁହାଣଙ୍କର ଜାନୁଆରୀ ୩୧ ତାରିଖରେ ଅନ୍ୟତ୍ର ବଦଳି ହୋଇଥିଲା। ପରେ ଅତିରିକ୍ତ ତହସିଲଦାର କିମ୍ବା ସେହି କ୍ୟାଡରର ଅନ୍ୟ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯିବା ପରିବର୍ତ୍ତେ ସବୁ ସମୟରେ ବ୍ୟସ୍ତ ରହୁଥିବା ଖଇରା ତହସିଲଦାର ପ୍ରଶାନ୍ତ କୁମାର ମହାରଣାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରଯାଇଥିଲା। ସେପଟେ ବର୍ତ୍ତମାନ ଉକ୍ତ କାର୍ଯ୍ୟାଳୟର ମୁଖ୍ୟ କିରାଣୀ, ଏକ କନିଷ୍ଠ କିରାଣୀକୁ ଅନ୍ୟତ୍ର ଡେପୁଟେଶନରେ ବଦଳି କରାଯାଇଥିବା ଯାଇଥିବା ବେଳେ ପିଅନ, ରାତ୍ରି ଜଗୁଆଳି ପଦବୀ ଦୀର୍ଘଦିନରୁ ଖାଲି ପଡ଼ିଛି। ଏହି ଅବ୍ୟବସ୍ଥାକୁ ଦେଖିଲେ ଜମି କିଣାବିକା କାମରେ ଆସୁଥିବା ଲୋକ ବିଶେଷ ଭାବେ ବରିଷ୍ଠ ନାଗରିକ ମାନଙ୍କୁ ଦିର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଏଭଳିକି ଦିନେ ଦିନେ ପୂର୍ବାହ୍ନ ୧୦ଟାରୁ ଆସି ୫ ପର୍ଯ୍ୟନ୍ତ କାମପାଇଁ ବସି ରହୁଛନ୍ତି। ୧୩ଦିନ ଧରି ଲୋକମାନଙ୍କର ଏଭଳି ହିନସ୍ତା ସମ୍ପର୍କରେ ଜିଲା ନିବନ୍ଧକ, ଅତିରିକ୍ତ ଜିଲାପାଳ(ରାଜସ୍ୱ), ଜିଲାପାଳଙ୍କୁ ବିଭିନ୍ନ ମହଲରୁ ଅବଗତ କରାଯାଉଥିଲେ ହେଁ ଏ ସମ୍ପର୍କରେ ସମସ୍ତେ ମଉନ ରହିବା ଲୋକଙ୍କୁ ମାନସିକ ଯନ୍ତ୍ରଣାକୁ ଦୁଇଗୁଣ ବଢ଼ାଇ ଦେଇଛି। ଏଣୁ ଯନ୍ତ୍ରଣା ଲାଘବ ପାଇଁ ଜଣେ ନିୟମିତ ଉପ ନିବନ୍ଧକ କିମ୍ବା ଅତିରିକ୍ତ ତହସିଲାଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯିବାକୁ ଖଇରା ବ୍ଲକର ୩୭ ପଞ୍ଚାୟତର ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟଦର୍ଶନୀ ମଲ୍ଲିକଙ୍କୁ ଯୋଗାଯୋଗ କରାଯିବାରେ ଏଥିପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଥିବା କଥା କହିଛନ୍ତି।

## ଅବସରକାଳୀନ ପ୍ରାପ୍ୟ ପାଇନଥିବା ସମବାୟ ବ୍ୟାଙ୍କର କର୍ମଚାରୀଙ୍କ ବୈଠକ

ବାଲେଶ୍ୱର, ୧୪।୨(ସମିସ): ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ସଂଘର ବିଶେଷ ଅଧିବେଶନ ରାଜାବଗିଚାସ୍ଥିତ ରାଧାକୃଷ୍ଣ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଭାପତି ସାଥୀ ହରିଶ୍ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ସଂଘର ସାଧାରଣ ସମ୍ପାଦକ ସାଥୀ ବାଳକୃଷ୍ଣ ନନ୍ଦ, ଅବସରପ୍ରାପ୍ତ ୬୫ଜଣ କର୍ମଚାରୀଙ୍କର ଅବସରକାଳୀନ ପ୍ରାପ୍ୟ ବ୍ୟାଙ୍କ ଦୀର୍ଘଦିନ ଧରି ଦେଉନଥିବା ବିଷୟ ଉପସ୍ଥାପନ କରିଥିଲେ। ଅବସରକାଳୀନ ପ୍ରାପ୍ୟ ଦେବାପାଇଁ ବ୍ୟାଙ୍କ କର୍ତୃପକ୍ଷଙ୍କୁ ବିଧାୟକ ବାଲେଶ୍ୱର, ବସ୍ତା, ସୋର, ସିମୁଳିଆ, ରେମୁଣା, ଭଦ୍ରକ, ଚାନ୍ଦବାଲି, ବାସୁଦେବପୁର, ଧାମନଗର ଅନୁରୋଧ କରିଥିଲେ ମଧ୍ୟ ତା ଉପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ସେହିପରି ସମବାୟ ନିବନ୍ଧକ ଅବସରକାଳୀନ ପ୍ରାପ୍ୟ ଦେବାପାଇଁ ବାରମ୍ବାର ନିର୍ଦ୍ଦେଶ ଦେଉଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଆଇନଗତ ଭାବରେ କର୍ମଚାରୀ ଅବସର ଏକମାସ ମଧ୍ୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କର ଅବସରକାଳୀନ ପ୍ରାପ୍ୟ ଦେବାପାଇଁ ଆଇନରେ ଲିପିବଦ୍ଧ ଥିଲେ ମଧ୍ୟ ଜାଣିଶୁଣି ବ୍ୟାଙ୍କ କାର୍ଯ୍ୟକାରୀ କରୁନାହିଁ। ସଂଘ ବାରମ୍ବାର ଆଲୋଚନା କରି ପ୍ରତିଶ୍ରୁତି ପାଇବା ପରେ ମଧ୍ୟ ୬୫ଜଣ ଗରିବ କର୍ମଚାରୀ ଯେଉଁମାନେ କି ୧ହଜାର ରୁ ୨ହଜାର ମଧ୍ୟରେ ପେନସନ ପାଉଛନ୍ତି ସେମାନଙ୍କର ଅବସରକାଳୀନ ପ୍ରାପ୍ୟ ଦିଆଯାଉନାହିଁ। ଏ ବିଷୟରେ ସବିଶେଷ ଆଲୋଚନା କରାଯାଇ ବ୍ୟାଙ୍କର ଆସନ୍ତା ସାଧାରଣ ପରିଷଦ ବୈଠକ ଦିନ ୬୫ଜଣ ଅବସରକାଳୀନ କର୍ମଚାରୀ ଓ ତାଙ୍କର ପରିବାରବର୍ଗ ଏକ ଦିନିକିଆ ଧାରଣା କରିବା ପାଇଁ ନିଷ୍ପତ୍ତି ନିଆଗଲା। ଏହାପରେ ମଧ୍ୟ ଯଦି ସେମାନଙ୍କ ଦାବି ପୂରଣ ନକରାଯାଏ, ସମଗ୍ର ବ୍ୟାଙ୍କକୁ ଅଚଳ କରି ଦିଆଯିବ। ଏହି ସଭାରେ ସାଥୀ ଜଳଧର ପଣ୍ଡା, ଅଜିତ ହୋତା, ବିଷ୍ଣୁ ମହାନ୍ତି, ଏଓସିସିବିଇଇର ସାଧାରଣ ସମ୍ପାଦକ ଏବଂ ରବୀନ୍ଦ୍ର ବେହେରା, ପୂର୍ବତନ ସଂଘ ସଭାପତି ଆଲୋଚନାରେ ଭାଗ ନେଇଥିଲେ।

# କୃଷି ବିଜ୍ଞାନ କେନ୍ଦ୍ରରେ ପ୍ରାକୃତିକ କୃଷି ତାଲିମ କର୍ମଶାଳା




ବାଲିଆପାଳ, ୧୪।୨(ସମିସ): ଅସନ୍ତୁଳିତ ଓ ମାତ୍ରାଧିକ ସାର, ଔଷଧ ଓ ବିଷ ପ୍ରୟୋଗ କରି କୃଷି ଉତ୍ପାଦନ କରିବା ଦ୍ୱାରା ପରିବେଶ ଦୂଷିତ ହେବା ସହିତ ଖାଦ୍ୟର ଗୁଣବତ୍ତା ନଷ୍ଟ ହୋଇଥାଏ। ଯାହାକୁ ଖାଇ ମଣିଷ ମାରାତ୍ମକ ରୋଗର ଶିକାର ହୁଏ। ତେଣୁ ଗୁଣାତ୍ମକ ମାନର ଉତ୍ପାଦନ ପାଇଁ ସରକାରୀ ସ୍ତରରେ ଜୈବିକ ଓ ପ୍ରାକୃତିକ କୃଷି ପାଇଁ ଅନବରତ ଉଦ୍ୟମ କରାଯାଉଛି। କୃଷି ବିଜ୍ଞାନ କେନ୍ଦ୍ର ବାଲେଶ୍ୱର ଦ୍ୱାରା ଦୁଇଟି ପର୍ଯ୍ୟାୟରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୮୦ ଜଣ ଚାଷୀଙ୍କୁ ପ୍ରାକୃତିକ କୃଷି ପାଇଁ ତାଲିମ ପ୍ରଦାନ କରାଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତଥା ପ୍ରାକୃତିକ କୃଷି ପ୍ରକଳ୍ପର ସଂଯୋଜକ ଡ. ପ୍ରଭାମଞ୍ଜରୀ ଗିରିଙ୍କ ତତ୍ତ୍ୱାବଧାନରେ ପ୍ରାକୃତିକ କୃଷି ଓ ପ୍ରକୃତି ଲବ୍ଧ, ଗୋମୂତ୍ର, ଗୋମୟ, ଔଷଧୀୟ ପତ୍ର ବ୍ୟବହାର ପୂର୍ବକ ବୀଜାମୃତ, ଜୀବାମୃତ, ନିମାସ୍ତ୍ର ଓ ବ୍ରହ୍ମାସ୍ତ୍ର ଇତ୍ୟାଦି ପ୍ରାକୃତିକ ଉପାୟରେ ପ୍ରସ୍ତୁତିର ତାଲିମ ଚାଷୀମାନଙ୍କୁ ପ୍ରଦାନ କରାଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ଡ. ସ୍ୱାଗତିକା ସାହୁ ପ୍ରାକୃତିକ କୃଷିର ଗୁରୁତ୍ୱ ବିଷୟରେ ଉପସ୍ଥିତ ଚାଷୀମାନଙ୍କୁ ଆଲୋଚନା ମାଧ୍ୟମରେ ବୁଝାଇଥିଲେ। ବୈଜ୍ଞାନିକ ଡ. ଅମିତାରାଣୀ ପାତ୍ର ରାସାୟନିକ ସାର ଓ ବିଷ ପ୍ରୟୋଗ ଦ୍ୱାରା ଆମ ଶରୀର ଉପରେ ପଡୁଥିବା କୁପ୍ରଭାବ ବିଷୟରେ ଉପସ୍ଥିତ ଚାଷୀମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବୈଜ୍ଞାନିକ କମଳାକାନ୍ତ ବେହେରା, ନିରୋଜ ଜେନା ଆଜି ଦିନରେ ପ୍ରାକୃତିକ କୃଷି ସମ୍ବନ୍ଧରେ ଉପସ୍ଥିତ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ତାଲିମ ପରିପ୍ରେକ୍ଷୀରେ ଏକତାଳି ଗ୍ରାମରେ ହୋଇଥିବା ପ୍ରାକୃତିକ କୃଷିର କ୍ଷେତ୍ରପରିଦର୍ଶନରେ ବୈଜ୍ଞାନିକ ତଥା ଚାଷୀମାନେ ଯାଇଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ

ରାଜଘାଟ, ୧୪।୨ (ସମିସ): ବସ୍ତା ବ୍ଲକ ପାଉଁଶକୁଲିସ୍ଥିତ ଶ୍ରୀନାଥ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅସିତ୍ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ଉଦ୍‌ଘାଟକ ଭାବେ ଡ଼ା.ଏଟ ର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ରଘୁନାଥ ଦାସ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଗୋଷ୍ଠୀ ସାଧନ କେନ୍ଦ୍ରରେ ସଂଯୋଜକ ବିଜୟ ଜେନା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଲାଟେନ୍ଦୁ କେଶରୀ ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଦାସ, ଗୋପାଳ କୃଷ୍ଣ ମେମୋରିଆଲ କ୍ଲବର ସଭାପତି ତଥା ବରିଷ୍ଠ ଆଇନଜୀବୀ ମନୋଜ ମହାନ୍ତି, ମୋ ସ୍କୁଲ ଅଭିଯାନର ସଭାପତି ବୃନ୍ଦାବନ ପଣ୍ଡା, ପ୍ରାକ୍ତନ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଧନଞ୍ଜୟ ବେହେରା, ସିଆରସିସି ତପନ ସେନ୍, ପୂର୍ବତନ ଜିଲ୍ଲା ପରିଷଦ ଅଜୟ ସାହୁ, ଭୂପେନ ସାହୁ, ପ୍ରାକ୍ତନ ଶିକ୍ଷକ ପଞ୍ଚାନନ ଦାସ, ଲକ୍ଷ୍ମୀଧର ପ୍ରଧାନ, ବରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ କରୁଣାକର ମାରାଣ୍ଡି ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଜଗନ୍ନାଥ ମଲ୍ଲିକ ଅତିଥି ପରିଚୟ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ଏଫଏମ୍ୟୁ ସମାଜ ସେବା ବିଭାଗ ତରଫରୁ ଗ୍ରାମୀଣ ଶିବିର




ବାଲେଶ୍ୱର, ୧୪।୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜ ସେବା ବିଭାଗ ତରଫରୁ ଅନ୍ତୋର୍ଦୟ ଚେତନା ମଣ୍ଡଳ, ଲାବଣ୍ୟଦେଇପୁର ସଦସ୍ୟଙ୍କ ସହଯୋଗରେ ଶରତ ଗ୍ରାମଠାରେ ଏକ ଦଶଦିନିଆ ଗ୍ରାମୀଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ଅନୁମୋଦନରେ ଏହି ଅଭିନବ ପ୍ରୟାସର ଆୟୋଜନ କରାଯାଇପାରିଛି। ଉଦଘାଟନୀ ଅବସରରେ ସମ୍ପୃକ୍ତ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତଙ୍କ ଅଧ୍ୟକ୍ଷତାରେ ଡ଼କ୍ଟର ଭଗବାନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜ ପ୍ରତି ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ତୁରାମ ସିଂ ଓ ସମ୍ମାନୀତ ଅତିଥି ଭାବେ ପିତାମ୍ବର ସାହୁ ଯୋଗଦେଇ ଉକ୍ତ ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ସ୍?ାଗତ କରିଥିଲେ। ସମାଜ ସେବାର ପ୍ରକୃତ ଅର୍ଥ ଓ ସାଧାରଣ ଲୋକଙ୍କ ସହ ଯୋଗାଯୋଗ ସ୍ଥାପନ କରି ଜନମଙ୍ଗଳ କାର୍ଯ୍ୟ ସହ ସଚେତନତା କାର୍ଯ୍ୟକ୍ରମ କରିବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନେକ ସାମାଜିକ ସମସ୍ୟାକୁ ନେଇ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ମେଲେରିଆ ନିରାକରଣ, ଅନ୍ଧବିଶ୍ୱାସ, ଗୁଣିଗାରେଡ଼ି, ନିଶାନିବାରଣ ଇତ୍ୟାଦି ବିଷୟରେ ଆଧାରିତ ନାଟକ ବହୁ ଗ୍ରାମବାସୀଙ୍କ ଉପସ୍ଥିତିରେ ପରିବେଷଣ କରି ସେମାନଙ୍କୁ ସଚେତନତାର ବାର୍ତ୍ତା ଦେବାରେ ସଫଳ ହୋଇଥିଲେ। ବିଶ୍ୱବିଦ୍ୟାଳୟ ଓ ଛାତ୍ରଛାତ୍ରୀମାନଙ୍କ ଏହି ପ୍ରୟାସକୁ ଗ୍ରାମବାସୀମାନେ ପ୍ରଶଂସା ବ୍ୟକ୍ତ କରିଛନ୍ତି। ୨୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଏହି ଶିବିରରେ ଯୋଗ ଦେଇଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ସୁପ୍ରିୟା ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା ଓ ବିଭାଗର ଦ୍ୱିତୀୟବର୍ଷର ଛାତ୍ର ସନ୍ତୋଷ ବେହେରା କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଶେଷରେ ସ୍ଲୋଗାନ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ।

# ନ୍ୟାୟ ପାଇଁ ଦିବ୍ୟାଙ୍ଗ ବିମଳଙ୍କ ଦାବିପତ୍ର

ବାଲେଶ୍ୱର, ୧୪।୨(ସମିସ):

ଦିବ୍ୟାଙ୍ଗ ବିମଳ କୁମାର ଦଳେଇ। ନୀଳଗିରି ବ୍ଲକ ଜୁରିଆ ପାଟଣାରେ ରହୁଥିବା ଯଦୁନାଥ ଦଳେଇଙ୍କ ପୁଅ। ଦଲାଲ ଠିକାଦାରଙ୍କ ପ୍ରଲୋଭନର ଶିକାର ହୋଇ ଦାଦନ ଖଟିବାକୁ ଯାଇ ଦିବ୍ୟାଙ୍ଗ ହୋଇଯାଇଛନ୍ତି। ଫଳରେ ଦୀର୍ଘ ବର୍ଷ ଧରି ନ୍ୟାୟ ପାଇଁ ଲଢେଇ କରୁଛନ୍ତି। ଅନ୍ୟପଟେ ଦିବ୍ୟାଙ୍ଗ ହୋଇ ବିମଳ ହୁଇଲ୍ ଚେୟାର ଭରସାରେ ଜୀବନ ବଞ୍ଚୁଛନ୍ତି। ଉତ୍ତମ ଚିକିତ୍ସା ପାଇଁ ଅର୍ଥ ମଧ୍ୟ ନାହିଁ। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ନିବେଦନ କରିଥିଲେ ବି କୌଣସି ସୁଫଳ ମିଳିନାହିଁ। ଗତ ସୋମବାର ଦିନ ବିମଳ ଜିଲ୍ଲାପାଳଙ୍କୁ ଭେଟିବାକୁ ଆସିବାକୁ ଏକ ଦାବିପତ୍ର ତାଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। ଦାବିପତ୍ରରେ ବିନା ପ୍ରଣାମ ପତ୍ରରେ ଦଲାଲ ଠିକାଦାର ଜିଲ୍ଲାରୁ ଶ୍ରମିକମାନଙ୍କୁ ଦାଦନ ଖଟାଇ ନେବା ଅଭିଯୋଗ କଥା ଉଲ୍ଲେଖ କରିବା ସହ ଠିକାଦାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ, ରାଷ୍ଟ୍ରପତି, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି।
ବିମଳଙ୍କ ଅଭିଯୋଗ ଅନୁସାରେ, ନୀଳଗିରି ଥାନା ଅନ୍ତର୍ଗତ ବଉଳଗ୍ରାମର ଦଲାଲ ଠିକାଦାର ବିନା ପ୍ରଣାମ ପତ୍ରରେ ଗୁଜରାଟରେ ପଥର ମୂର୍ତ୍ତି ଠିକାଦାର କାମ କରିଥାନ୍ତି। ବାଲେଶ୍ୱର ଜିଲ୍ଲାରୁ ବିଭିନ୍ନ ଅଞ୍ଚଳରୁ ପିଲାମାନଙ୍କୁ ଟଙ୍କାର ଲାଳସା ଦେଖାଇ ଆଡ଼ଭାନ୍ସ ଦେଇ ଗୁଜରାଟ, ରାଜସ୍ଥାନ, ମହାରାଷ୍ଟ୍ର, ଝାଡ଼ଖଣ୍ଡରେ ଦାଦନ ଶ୍ରମିକ ରୂପେ କାମ କରାଇଥାନ୍ତି। ହେଲେ ସୁବିଧା ଅସୁବିଧାରେ କୌଣସି ସହଯୋଗ କରିନଥାନ୍ତି। ସେହି ପ୍ରଲୋଭନର ଶିକାର ହୋଇ ବିମଳ ଗୁଜରାଟ ଯାଇଥିଲେ। ୨୦୦୮ ମସିହାରେ ଗୁଜରାଟ ଗାନ୍ଧୀ ନଗର ନିକଟସ୍ଥ ପୂର୍ଣ୍ଣିତ ଧାମ ଜୈନ ତୀର୍ଥ କାମ କରିବା ସମୟରେ ଭାରା ଛିଡିଯିବାରୁ ବିମଳ ମନ୍ଦିର ଉପରୁ ଖସି ତଳେ ପଡ଼ିଯାଇଥିଲେ। ଯାହା ଦ୍ୱାରା ବିମଳଙ୍କ ମେରୁଦଣ୍ଡ ଆଘାତ ହୋଇଥିଲା। ଏହି ଘଟଣା ପରେ ଠିକାଦାର ଜଣଙ୍କ ବିମଳଙ୍କ ୬ ମାସର ମଜୁରୀ ଟଙ୍କା ନ ଦେବା ସହ ଉପଯୁକ୍ତ ଚିକିତ୍ସା ଖର୍ଚ୍ଚ ମଧ୍ୟ ଦେଇନାହାନ୍ତି। ଓଲଟି ବିମଳଙ୍କ ବାପାଙ୍କଠୁ ଜୋର ଜବରଦସ୍ତ ସାଦା କାଗଜରେ ଦସ୍ତଖତ ନେଇ ତାଙ୍କୁ ଗୁଜୁରାଟରୁ ଘରକୁ ପଠେଇ ଦେଇଥିଲେ। ପରେ ଠିକାଦାର ବିରୋଧରେ ବିମଳ ନୀଳଗିରି ଶ୍ରମ ଅଦାଲତରେ ମାମଲା ମଧ୍ୟ କରିଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ବିମଳଙ୍କୁ ନ୍ୟାୟ ମିଳୁ ନାହିଁ। ଅପରପକ୍ଷେ ବାଲେଶ୍ୱର ଜିଲ୍ଲା ଶ୍ରମ ଅଦାଲତରେ କମ୍ପେନସେସନ ବାବାଦକୁ କେଶ ନମ୍ବର ୨୨/୨୦୧୬ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୋଣସି ନ୍ୟାୟ ତାଙ୍କୁ ମିଳି ନାହିଁ। ଦଲାଲ ଠିକାଦାର ପାଇଁ ମୁଁ ଯେପରି ଦୀର୍ଘ ୧୨ ବର୍ଷ ଧରି ଦିବ୍ୟାଙ୍ଗ ରୂପେ ଜୀବନ ଜାପନକରୁଛି, ମୋ ଭଳି ଅନେକଙ୍କ ଜୀବନ ଏହିପରି ସେ କରିଛି। ଆପଣ ଉକ୍ତ ବିଷୟ ପ୍ରତି ଦୃଷ୍ଟି ଆରୋପ କରି ମୋର ସୁସ୍ଥତା ନିମନ୍ତେ ଓ ମୋତେ ନ୍ୟାୟ ପ୍ରଦାନ କରିବା ସହ ଠିକାଦାର ଗୟାଧର ଧାଉଁଡିଆ ଉପରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇ ଦଣ୍ଡିତ କରାଯାଉ। ଏଥିସହ ମୋର ଚିକତ୍ସା ପାଇଁ ପ୍ରଶାସନ ତରଫରୁ ଆର୍ଥିକ ସହାୟତା କଲେ ମୁଁ ସୁସ୍ଥ ହୋଇପାରିବି ବୋଲି ବିମଳ କହିଛନ୍ତି।



## ବିଦ୍ୟାଳୟର ବାର୍ଷିକ ଉତ୍ସବ




ଚନ୍ଦନେଶ୍ୱର, ୧୪।୨ (ସମିସ): ଭୋଗରାଇର ଜଗନ୍ନାଥ ପୁର ସରକାରୀ ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତନ୍ଦ୍ରା ରାଣୀ ଭଞ୍ଜଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ଭଞ୍ଜ, ଶିକ୍ଷାବିତ ସୁବାସ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଡ. ସନ୍ତୋଷ କୁମାର ପାତ୍ର, ସୁଶାନ୍ତ କୁମାର ଭଞ୍ଜ, ସିଆରସିସି ଲମ୍ବୋଦର ଜେନା, ଜଗନ୍ନାଥ ପୁର ପଞ୍ଚାୟତର ସମିତି ସଦସ୍ୟା ସୁମିତା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବ୍ରତ ଗିରି ପ୍ରମୁଖ ଯୋଗ ଦେଇ ତାଙ୍କ ସୁଚିନ୍ତିତ ଉପଦେଶ ପିଲାମାନଙ୍କୁ ପ୍ରଦାନ କରିଥିଲେ। ଶିକ୍ଷକ ଜଳେନ୍ଦ୍ର ସାହୁ ଅତିଥି ପରିଚୟ କରିଥିବା ବେଳେ ଶିକ୍ଷୟିତ୍ରୀ ଗୀତାରାଣୀ ପାତ୍ର ବିବରଣୀ ପାଠ ଓ ଶିକ୍ଷକ ସୁରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗର କୃତି ପିଲା ତଥା ମେନକା-କାମଦେବ ମେଧାବୃତ୍ତି ଓ ଘନଶ୍ୟାମ ମେଧାବୃତ୍ତି ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୁନିକୁନି ପିଲାମାନଙ୍କ ଦ୍ୱାରା ନାଟକ 'ବାଟରୁ କିଣିଲି ହାଟ ସଉଦା' ଅଭିନିତ ହୋଇଥିଲା।

# ରକ୍ଷଣାବେକ୍ଷଣ ଅଭାବରୁ ଲୁଚିଗଲାଣି ଶିଶୁ ଉଦ୍ୟାନ

## ଆନନ୍ଦପୁର ପୌର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡ଼ିବ କେବେ?



ଆନନ୍ଦପୁର, ୧୪ ।୨(ସମିସ)

ଆନନ୍ଦପୁର ପୌରପାଳିକା ପକ୍ଷରୁ ବ୍ରିଜ୍ଛକ ଗୋଲେଇ ନିକଟରେ ଥିବା ଶିଶୁ ଉଦ୍ୟାନକୁ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଖୋଲାଯାଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଏହା ଦିନକୁ ଦିନ ଜଙ୍ଗଲର ଭ୍ରମ ସୃଷ୍ଟି କଲାଣି । ଅନାବନା ଗଛ ବଢ଼ି ଯାଇଥିବାବେଳେ ଓାକିଂ ଟ୍ରାକ ଓ ଫିଜିକାଲ ଫିଟନେସ୍ ପାଇଁ ଲାଗିଥିବା ଉପକରଣ ଉପରେ ଲତାଗୁଳ୍ମ ମାଡ଼ି ଯାଉଥିବାରୁ ଏହା ବ୍ୟବହାର ଅନୁପଯୋଗୀ ହୋଇପଡ଼ିଥିବା ପରିଲକ୍ଷିତ ହୋଇଛି । ସୂଚନାଯୋଗ୍ୟ ଯେ, ପ୍ରାୟ ୫୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଶିଶୁ ଉଦ୍ୟାନ ଦୀର୍ଘ ଦିନ ଧରି ତାଲା ପଡ଼ି ରହିଥିଲା । ଏନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ କର୍ତ୍ତୃପକ୍ଷ ଏହାକୁ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ କାର୍ଯ୍ୟକ୍ଷମ କରିଥିଲେ । ଗତ ୨୦୧୬ରେ ଆନନ୍ଦପୁର ଷ୍ଟାଡିୟମ ନିକଟରେ ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୫୪ଲକ୍ଷ ଟଙ୍କା ବ୍ୟୟବରାଦ କରିବାପରେ ପରବର୍ତ୍ତୀ ପର୍ଯ୍ୟାୟରେ ସଂଯୋଗୀକରଣ ରାସ୍ତା ଓ ପାଚେରି ନିର୍ମାଣ ପାଇଁ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରିଥିଲେ । ଶିଶୁ ଉଦ୍ୟାନ ନିର୍ମାଣ ପରେ ଆଲୋକୀକରଣ ବ୍ୟବସ୍ଥା ପାଇଁ ତୃତୀୟ ପର୍ଯ୍ୟାୟ ବ୍ୟୟବରାଦ କରାଯାଇଥିଲା । ପ୍ରାୟ କୋଟିଏ ଟଙ୍କାର ସରକାରୀ ଅନୁଦାନରେ ନିର୍ମାଣ ହୋଇଥିବା ଏହି ଶିଶୁ ଉଦ୍ୟାନ ଉପଯୁକ୍ତ ତଦାରଖ ଅଭାବରୁ ଦିନକୁ ଦିନ ଦୟନୀୟ ଅବସ୍ଥାକୁ ଠେଲି ହୋଇଯାଉଥିବା ପରିଲକ୍ଷିତ ହୋଇଛି । ଏଣୁ ଆନନ୍ଦପୁର ପୌରପାଳିକା କର୍ତ୍ତୃପକ୍ଷ ଏହି ଶିଶୁ ଉଦ୍ୟାନର ରକ୍ଷଣାବେକ୍ଷଣ ଦିଗରେ ଆବଶକୀୟ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

# ଗାଁରେ ବୁଲୁଛି ହାତୀ, ଖାଇଲା ଧାନ



ସୋସୋ, ୧୪।୨(ସମିସ): ହାଟଡ଼ିହି ବ୍ଲକର ହଦଗଡ଼ ହାତୀ ଅଭୟାରଣ୍ୟରୁ ଏକ ଦନ୍ତା ହାତୀ ପଳାଇ ଆସି ରଗୁଡି, ପଡ଼ିଆରିପଲ୍ଲୀ, ଦନେଇପୁର ଓ ସୋସୋରେ ବୁଲୁଛି । ସୋମବାର ହାତୀଟି ପଡ଼ିଆରିପଲ୍ଲୀ ଗାଁ ଭିତର ରାସ୍ତାରେ ଯାଇ ବିଷ୍ଣୁପଦ ନାୟକଙ୍କ ଖଳାରେ ବସ୍ତାକରି ରଖାଯାଇଥିବା ଧାନକୁ ଖାଇ ନଷ୍ଟକରିଥିବାବେଳେ ଗତକାଲି ସେହି ଗାଁ ରାସ୍ତା ଦେଇ ସୋସୋ ଟୋଟାରେ ବୁଲୁଥିବା ଦେଖିବାକୁ ମିଳିଛି । ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀ ଉପରେ ନଜର ରଖିବା ସହିତ ହାତୀଟି କିଭଳି ଜଙ୍ଗଲ ଭିତରକୁ ଯିବ ସେ ନେଇ ବନ ବିଭାଗ ପ୍ରୟାସ ଯାରିରଖିଥିବା ସୂଚାନ ଦେଇଛନ୍ତି ।

# ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତଦେହ ଉଦ୍ଧାର

ତେଲକୋଇ, ୧୪ ।୨(ସମିସ): ତେଲକୋଇ ଥାନା ଛାମୁଣ୍ଡା ଗ୍ରାମ ମୁଣ୍ଡା ସାହିରେ ଜଣେ ଆଦିବାସୀ ଯୁବତୀଙ୍କ ଝଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ ବୁଦ୍ଧିଆ ମୁଣ୍ଡାଙ୍କ ଝିଅ ମହୁଲି ମୁଣ୍ଡା (୧୭) । ଏକ ଆମ୍ବ ଗଛରୁ ଝୁଲନ୍ତା ଅବସ୍ଥାରେ ପୁଲିସ ମୃତଦେହ ଉଦ୍ଧାର କରିଛି । ମୃତ୍ୟୁର କାରଣ ସ୍ୱଷ୍ଟ ହୋଇ ନ ଥିବା ବେଳେ ପୁଲିସ ଏହି ଘଟଣାକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ବୁଧବାର ଅପରାହ୍ଣରେ ସାହି ନିକଟ ଆମ୍ବ ବଗିଚା ଆଡ଼କୁ ସ୍ଥାନୀୟ ଲୋକେ ଯାଉଥିବା ବେଳେ ଗଛରେ ଜଣେ ଯୁବତୀଙ୍କ ମୃତଦେହ ଝୁଲୁଥିବା ଲୋକେ ଦେଖିଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଜବତ କରିଥିଲା । ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁରକାରଣ ଜଣାପଡ଼ିବ ବୋଲି ପୁଲିସ କହିଛି ।

# ନିଆଁଲାଗି ଜଳିଗଲା ପାଳଗଦା



ବେଲବାହାଳି, ୧୪ ।୨(ସମିସ): ଆନନ୍ଦପୁର ବ୍ଲକ ବେଲବାହାଳି ଉପରସାହିରେ ବାସ କରୁଥିବା ପରିଆ ସାହୁଙ୍କ ଚାଳ ଘର ନିକଟରେ ଗୋରୁ ଗାଈଙ୍କ ପାଇଁ ବର୍ଷସାରାର ଖାଦ୍ୟ କୁଟା ବଦାରିରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିପୋଡି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ପରିଆ ସାହୁଙ୍କ ପତ୍ନୀ ଘର ନିକଟରେ ଏକ ଚୁଲିରେ ରୋଷେଇ କରୁଥିବାବେଳେ ନିଜର ଅସାବଧାନତା ଯୋଗୁ ନିଆଁ ଲାଗି ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି । ସଙ୍ଗେସଙ୍ଗେ ଗ୍ରାମବାସୀ ମାନେ ନିଆଁକୁ ଆୟତ୍ତ କରିବା ସହ ଘଷିପୁରା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ପରେ ଗ୍ରାମବାସୀ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଲିଭାଇଥିଲେ ।

# ଟ୍ରେଲର ଧକ୍କାରେ ବୃଦ୍ଧା ମୃତ

ଯୋଡ଼ା, ୧୪ ।୨(ସମିସ): ଯୋଡ଼ା ଥାନା ଜାତୀୟ ରାଜପଥ ୫୨୦ର ବିଲେଇପଦା ଟାଟା କଲୋନୀ ଛକ ନିକଟରେ ଏକ ଟ୍ରେଲର ଧକ୍କାରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି ।

ବୁଧବାର ସନ୍ଧ୍ୟାରେଏହି ଅଘଟଣଟି ଘଟିଛି । ବୃଦ୍ଧା ଜଣଙ୍କ ରାସ୍ତା ପାର ହେଉଥିବାବେଳେ ଏକ ଟ୍ରେଲର ତାଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ହିଁ ବୃଦ୍ଧା ଜଣଙ୍କର ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଟ୍ରେଲରକୁ ୨ କିମି ଦୂରରେ ଅଟକାଇବାରେ ସକ୍ଷମ ହୋଇଥିଲା । ସମ୍ପୃକ୍ତ ଟ୍ରେଲରଟିକୁ ପୁଲିସ ଜବତ କରିବା ସହିତ ଏହାର ଚାଳକକୁ ଗିରଫ କରିଛି । ଖବର ଲେଖାଯିବା ପର୍ଯ୍ୟନ୍ତ ମୃତ ବୃଦ୍ଧାଙ୍କର ପରିଚୟ ମିଳିପାରି ନଥିବା ବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ଦାରୁବ୍ରହ୍ମପୀଠରେ ଦ୍ୱାଦଶ ବାର୍ଷିକ ଉତ୍ସବ



ତେଲକୋଇ, ୧୪ ।୨(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଦନ୍ଦୁଆମୁଣ୍ଡା ଗ୍ରାମରେ ଦାରୁବ୍ରହ୍ମ ପୀଠରେ ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଛି । ମଙ୍ଗଳବାର ଓ ବୁଧବାର ୨ଦିନ ଧରି ଦାରୁ ବ୍ରହ୍ମ ପୀଠରେ ହୋମ ଯଜ୍ଞ କରଯାଇଥିବା ବେଳେ ଆଖପାଖ ଗ୍ରାମର ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ । ଦାରୁବ୍ରହ୍ମ ପୀଠର କର୍ତ୍ତା ଅନୁକୂଳ ନାୟକ ରହିଥିବାବେଳେ ଯଜ୍ଞ ଆହୁତୀରେ ବିଜୟ ଦାସ ଓ ହଳଧର ଦାସ କାର୍ଯ୍ୟକ୍ରମ ତୁଲାଇ ଥିବାବେଳେ ଗ୍ରାମର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ସନ୍ଧ୍ୟାରେ ପାଲା ପରିବେଷଣ କରାଯାଇଥିବାବେଳେ ଉକ୍ତ ପୀଠକୁ ଶତାଧିକ ସଂଖ୍ୟାରେ ଭକ୍ତ ଯୋଗଦେଇ ଥିଲେ ।

# ଆନନ୍ଦପୁରର ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା



ଆନନ୍ଦପୁର, ୧୪ ।୨(ସମିସ): ଆନନ୍ଦପୁରର ବିଭିନ୍ନ ସ୍ଥାନରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ, କ୍ଲବ, ସ୍ୱେଚ୍ଛାସେବୀ ସଂଗଠନ ଓ ବଜାର କମିଟି ପକ୍ଷରୁ ବାଗଦେବୀ ମା ସରସ୍ୱତୀଙ୍କ ପୂଜାଉତ୍ସବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ମା'ଙ୍କୁ ଆରାଧନା କରିଥିଲେ । ଆନନ୍ଦପୁର ବଡ଼ଦାଣ୍ଡରେ ପ୍ରିନ୍ସ କ୍ଲବ, ଥାନା ଛକରେ ଚିଲଡ୍ରେନ କ୍ଲବ, କୃଷ୍ଣବାବୁ ଛକରେ ସରସ୍ୱତୀ କ୍ଲବ, ବ୍ରାହ୍ମଣୀଦେବୀ ରିଙ୍ଗରୋଡ ଗୋଲେଇ ଛକ, ଘସିପୁରାରେ ଡ୍ରିମସ୍ କ୍ଲବ, ଗେଟ୍ ସାହି ଡ୍ରିମସ କ୍ଲବ, ମେଡିକାଲ ରୋଡ୍ ବଜାର କମିଟି ପକ୍ଷରୁ ପୂଜାମଣ୍ଡପରେ ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପୂଜାମଣ୍ଡପ ଗୁଡିକ ଆଲୋକମାଳାରେ ସଜ୍ଜିତ ହୋଇଥିବା ବେଳେ ସୁସଜ୍ଜିତ ତ୍ୱରଣ ପୂଜାମଣ୍ଡପକୁ ବେଶ୍ ଆକର୍ଷଣୀୟ କରିଥିବା ପରିଲକ୍ଷିତ ହୋଇଛି ।

# ଗୋହିରାରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍



ଆନନ୍ଦପୁର, ୧୪ ।୨(ସମିସ): ସ୍ଥାନୀୟ ଗୋହିରା ମିନି ଷ୍ଟାଡିୟମରେ ସ୍ଥାନୀୟ ଯୁବଗୋଷ୍ଠୀମାନଙ୍କ ପକ୍ଷରୁ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି । ପୂର୍ବତନ ସରପଞ୍ଚ ପ୍ରଶନ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମ୍ୟାଚ ଗୋହିରା ଏକାଦଶ ସହିତ କୋଲିମାଟି କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ୧୦ ଓଭରରେ କୋଲିମାଟି କ୍ଲବ୍ ପ୍ରଥମେ ବ୍ୟାଟିଂକରି ୧୫୦ ରନ୍ ସଂଗ୍ରହ କରିଥିଲା । ଜବାବରେ ଗୋହିରା ଏକାଦଶ ୯ ଓଭରରେ ସମସ୍ତ ଓିକେଟ ହରାଇ ୧୨୫ ରନ୍ କରି ପରାସ୍ତ ହୋଇଥିଲେ । ଖେଳକୁ ଅମ୍ପାୟାର ରାଜୁ ନାଏକ, ପ୍ରଦୀପ ବେହେରା, ଜିତୁ ନାଏକ ପରିଚାଳନା କରିଥିଲେ । ଆଜିର ମ୍ୟାଚରେ ରାଜୁ ନାଏକ, ବାପୁନୁ ନାଏକ, ସିପୁନୁ ନାଏକ, ମୁନା ନାଏକ, ନୁନୁ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

● ଲିଟିଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ

# ମଧୁକେଶରୀ କ୍ରିକେଟ କ୍ଲବ ଚାମ୍ପିଅନ

ଆନନ୍ଦପୁର, ୧୪ ।୨(ସମିସ): ସାଇଁକୁଳ ଗ୍ରାମର ଦେହୁରୀ ସାହିରେ ଲିଟିଲ କ୍ରିକେଟ କ୍ଲବ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ମଧୁକେଶରୀ କ୍ରିକେଟ କ୍ଲବ ଉତ୍କଳ କ୍ରିକେଟ ଟିମ୍‌କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା । ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ସରପଞ୍ଚ ବିଭାସ ଚନ୍ଦ୍ର ନାୟକ, କ୍ରୀଡା ସଂଗଠକ ବୁଲୁ ପଟ୍ଟନାୟକ ଯୋଗଦେଇ ଥିଲେ । ସ୍ଥାନୀୟ ମହିଳାମାନଙ୍କ ମଧ୍ୟରେ ଏକ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଆଖପାଖ ଅଞ୍ଚଳରୁ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇ ଅଂଶଗ୍ରହଣ କରିଥିଲେ ।

# ବେସରକାରୀ ଆଇଟିଆଇ ସଂଘର ରାଜ୍ୟ ସମ୍ମିଳନୀ

ଆନନ୍ଦପୁର, ୧୪ ।୨(ସମିସ): ଗୋଡିସାହିସ୍ଥିତ ଓଁକାର ଆଇଟିଆଇ ପ୍ରାଙ୍ଗଣରେ ଓଡ଼ିଶା ବେସରକାରୀ ଆଇଟିଆଇ ସଂଘ ପକ୍ଷରୁ ରାଜ୍ୟ ସ୍ତରୀୟ ସମ୍ମିଳନୀ ହୋଇଯାଇଛି । ଏହି ସମ୍ମିଳନୀରେ ଓଁକାର ଆଇଟିଆଇ ଚେଆରମ୍ୟାନ ଗୋବର୍ଦ୍ଧନ ବେହେରାଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିଲା । ଉକ୍ତ ସମ୍ମିଳନୀରେ ଆଇଟିଆଇର ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଓଁକାରର ପ୍ରତିଷ୍ଠାତା ତେରେସାମ ଲାଲ ନାଗି ଏବଂ ଚରଣଜିତ୍ ସିଂ, ରାଜେଶ କୁମାର ନାଗିଙ୍କ ପାଇଁ ଆନନ୍ଦପୁର ଅଞ୍ଚଳରେ ବୈସୟିକ ଶିକ୍ଷାର ବିକାଶ ହୋଇପାରିଛି । ଏଥିରେ ମୁଖ୍ୟ ଅତିଥି ଭାବେ ସଂଘର ସଭାପତି ଡ଼ ଅରୁଣ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ଉପସଭାପତି ହୃଦାନନ୍ଦ ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ମିଳନ ମହାପାତ୍ର, ବିଶ୍ୱଜିତ୍ ପାଣ୍ଡ, ଜୟନ୍ତ ବିଶ୍ୱାଳ, ଗଣେଶ ବିଶ୍ୱାଳ, ଦେବୀପ୍ରସାଦ ଦାସ, ଜୟନ୍ତ କିଶୋର ପାତ୍ର, ଅଙ୍କିତା ପଣ୍ଡା ପ୍ରମୁଖ ଯୋଗଦେଇ ଛୋଟ ଛୋଟ ପିଲାଙ୍କୁ ଖାଦ୍ୟ ଓ ପାଠପଢ଼ା ସାମଗ୍ରୀ ବଣ୍ଟନ କରିଥିଲେ । ଏଥିରେ ମୁଖ୍ୟ ଉପଦେଷ୍ଟା ଭାବେ ସଂଘର ନିର୍ଦ୍ଦେଶକ ସ୍ୱାଧିକ ନାୟକ ଉପସ୍ଥିତ ଥିଲେ । ବଡ଼ଗାଁ ନରସିଂ କଲେଜ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ପ୍ରୋଟିନ ପାଉଡର, ମେଡିସିନ ଦିଆଯାଇଥିଲା । ମୁଖ୍ୟବକ୍ତା ହୃଦାନନ୍ଦ ନାୟକ ୫୦ହଜାର ଟଙ୍କାର ଅର୍ଥରାଶି ଘୋଷଣା କରିଥିଲେ । ସେହିପରି ତ୍ରିଲୋଚନ ରାୟ ୧୮ ବର୍ଷ ପରେ ସମସ୍ତ ଛୁଆଙ୍କର ପାଠ ପଢ଼ାଖର୍ଚ୍ଚ ବହନ କରିବେ ବୋଲି ପ୍ରକାଶ କରିଥିଲେ । ଏଥିରେ ଓଁକାର ଆଇଟିଆଇର ସମସ୍ତ ସଦସ୍ୟ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ଇଞ୍ଜିନିୟରିଂ କଲେଜରେ ଆଇଆଇଏମ୍ ଟେକ୍ନିକାଲ ସେଶନ୍



ଯୋଡ଼ା, ୧୪ ।୨(ସମିସ): କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜରେ ଏକ ବୈଷୟିକ ଅଧିବେଶନ ଆୟୋଜିତ ହୋଇଛି । ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କେନ୍ଦୁଝର ଆଇଆଇଏମ ସମ୍ପାଦକ ପ୍ରତ୍ୟୁଷ କୁମାର ନନ୍ଦ, କେନ୍ଦୁଝର ଡିଏଫଓ ଧନରାଜ ହନୁମନ୍ତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଲୁହାପଥର ଖଣି, ପ୍ରକ୍ରିୟାକରଣର ସ୍ଥାୟୀତ୍ୱ ଦିଗଗୁଡ଼ିକ ଭବିଷ୍ୟତର ଇଞ୍ଜିନିୟରମାନଙ୍କୁ ସେମାନଙ୍କ କାର୍ଯ୍ୟ ପ୍ରବାହରେ ସବୁଜ ପ୍ରକ୍ରିୟା ଉପରେ ଧ୍ୟାନ ଦେବା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ସମ୍ମାନିତ ଅତିଥି ଭାବରେ ଆଇଆଇଏମ ଅଧ୍ୟକ୍ଷ ବିଭୁଦତ ମହାନ୍ତି, ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଆଇଆଇଏମ ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ଖଟୋଇ, ଟାଟାଷ୍ଟିଲ ସ୍ପଞ୍ଜ ଆଇରନ ଲିମିଟେଡର ବରିଷ୍ଠ ଅଧିକାରୀ ଏବଂ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଶିଳ୍ପ ତଥା ଖଣିର ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଖଣି, ଧାତୁ ଏବଂ ଖଣିଜ ପ୍ରକ୍ରିୟାକରଣ ଷ୍ଟ୍ରିମର ୧୦୦ ରୁ ଅଧିକ ଛାତ୍ର ଅଂଶଗ୍ରହଣ କରିଥିଲେ ।

# ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା



ତୁରୁମୁଙ୍ଗା, ୧୪ ।୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗାସ୍ଥିତ ଦଧିବାମନ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ୨୦୨୨/୨୩ ଶିକ୍ଷାବର୍ଷ ରେ ବ୍ଲକସ୍ତରୀୟ ସରକାରୀ ପଞ୍ଚମଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଦୁଇଜଣ ଛାତ୍ରଛାତ୍ରୀ ସଫଳତା ଆଣି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ବିଦ୍ୟାଳୟର ଛାତ୍ର ସୁବ୍ରତ କୁମାର ପୃଷ୍ଟି, ଦ୍ୱିତୀୟ ସ୍ଥାନ ଏବଂ ତାନିୟା ସାହୁ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି । ସଫଳତା ପାଇ ଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଦାମ ପୃଷ୍ଟି, ପ୍ରଧାନଶିକ୍ଷୟତ୍ରୀ ଦିପ୍ତୀବାଳା ସାହୁ, ସ୍ଥାନୀୟ ସରପଞ୍ଚ ସୁଲେଖା ନାଏକ, ସମିତିସଭ୍ୟା ଅଶୁମତି ସାହୁ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟ ସହ ଶିକ୍ଷୟତ୍ରୀ ଦମୟନ୍ତି ମହାନ୍ତ, ଅନିମା ମହାରଣା, ସସ୍ମିତା ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ଅଭିଯୁକ୍ତ କୋର୍ଟଚାଲାଣ

ବାଲିବନ୍ଧ, ୧୪।୨(ସମିସ): ଝୁମ୍ପୁରା ପୁଲିସ ଜଣେ ପୁରୁଣା ଅଭିଯୁକ୍ତକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ବଡଡୁମୁରିଆ ପଚାଂୟତ ଗୋବିନ୍ଦପୁର ଗ୍ରାମ ଦୁର୍ଯ୍ୟୋଧନ ଓରଫ ସାଗର ମହାନ୍ତଙ୍କ ପୁଅ ସଞ୍ଜୟ ଓରଫ ପୋଲିଓ ମହାନ୍ତ । ୨୦୧୭ ଏବଂ ୨୦୨୨ ମସିହାରେ ପୁଲିଓ ନାମରେ ଦୁଇଟି ଅଲଗା ଅଲଗା ମାମଲା ରୁଜୁ ହୋଇଥିଲା । ପୋଲିଓ ମହାନ୍ତ ଅଧିକାଂଶ ସମୟରେ ଖେଣ୍ଡରା ଗ୍ରାମରେ ରହି ଆସୁଥିଲା । ତେବେ କୌଣସି କାରଣବସତ ୨୦୨୨ ମସିହାରେ ଖେଣ୍ଡରା ଗ୍ରାମର ଇନ୍ଦ୍ରମଣି ମାହନ୍ତଙ୍କୁ ମାରପିଟ କରି ଗୁରୁତର କରିଥିଲା ଫଳରେ ପୋଲିଓ ନାମରେ ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲା ଇନ୍ଦ୍ରମଣି । ଅଭିଯୋଗକୁ ଭିତ୍ତିକରି ପୁଲିସ ଗିରଫ କରି ପୋଲଓ ମହାନ୍ତକୁ ହାଜତ ପଠାଇଥିଲା । ହାଜତରୁ ଆସିବା ପରେ କୋର୍ଟର ଧାର୍ଯ୍ୟ ତାରିଖରେ ହାଜର ନହୋଇ ସେ ଲୁଚିଛପି ରହୁଥିଲା । ଫଳରେ ପୋଲିଓ ମହାନ୍ତ ନାମରେ ଗିରଫ ପରୱାନା ଜାରି କରାଯାଇଥିଲା । ପୁଲିସକୁ ଚକ୍‌ମା ଦେଇ ପୋଲିଓ ବହୁ ସମୟରେ ଖସିପଳାଉଥିବାରୁ ତାକୁ ଧରିବା ପାଇଁ ପୁଲିସ ଜାଲ ବିଛାଇଥିଲା । ତେବେ ବିଶ୍ୱସ୍ତସୂତ୍ର ରୁ ଖବର ପାଇ ପୁଲିସ ମଙ୍ଗଳବାର ରାତି ଝୁମ୍ପୁରା ବଜାର ଅଞ୍ଚଳରେ ଚଢ଼ଉ କରି ଅଭିଯୁକ୍ତ ପୋଲିଓ ମହାନ୍ତକୁ ଗିରଫ କରିଥିଲା । ଅଭିଯୁକ୍ତକୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

# ଶିଆଳ ଆକ୍ରମଣରେ ଦୁଇ ଆହତ

ରାମଚନ୍ଦ୍ରପୁର, ୧୪ ।୨(ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ବରାଙ୍ଗ ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ପୁରୁଣାବାନ୍ଧଗୋଡା ଗ୍ରାମରେ ପାଗଳ ଶିଆଳ ଆକ୍ରମଣରେ ୨ ଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଫଳରେ ଗ୍ରାମରେ ଭୟର ବାତାବରଣ ଖେଳି ଯାଇଛି । ସୂଚନା ଅନୁସାରେ ସ୍ଥାନୀୟ ପୁରୁଣାବାନ୍ଧଗୋଡା ଗାଁର କ୍ଷମାକର ପାଣି (୫୫)ଏବଂ ମନୋରଞ୍ଜନ ବିଶୋଇ(୩୮) ଗାଁ ମୁଣ୍ଡ ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ହଠାତ ଏକ ପାଗଳା ଶିଆଳ ପଛପଟୁ ଆକ୍ରମଣ କରିଥିଲା । ଲୋକେ ହୋହାଲ୍ଲା କରିବାରୁ ନିକଟସ୍ଥ ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲା । ଶିଆଳ ଆକ୍ରମଣରେ ଦୁହେଁ ଆହତ ହେବାପରେ ଡାକ୍ତରଖାନାରେ ଭର୍ତ୍ତି ହୋଇ ଅଦ୍ୟାବଧି ଚିକିତ୍ସାରତ ଅଛନ୍ତି ।ପାଗଳ ଶିଆଳ ମାତିଥିବାରୁ ସଞ୍ଜ ହେଲେ ଗାଁଲୋକେ ବାହାରକୁ ବାହାରିବାକୁ ସୁରକ୍ଷିତ ମଣୁ ନାହାଁନ୍ତି ।

● ୩୨ ବର୍ଷ ଧରି ଆୟବ୍ୟୟର ହିସାବ ଦିଆଯାଇନି

# କଣ୍ଟିପାଳ ମହାବିଦ୍ୟାଳୟ ଅନିୟମିତତାର ତଦନ୍ତ ଦାବି

ଆନନ୍ଦପୁର, ୧୪।୨ (ସମିସ)



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର କଣ୍ଟିପାଳ ମହାବିଦ୍ୟାଳୟରେ ଅନିୟମିତତା ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ମହାବିଦ୍ୟାଳୟର ବାର୍ଷିକ ଆୟବ୍ୟୟ ନିୟମିତ ହେଉନଥିବା ବେଳେ ଏହାର ବାର୍ଷିକ ହିସାବ ରାଜ୍ୟ ସରକାରଙ୍କ ଶିକ୍ଷାବିଭାଗକୁ ଦିଆଯାଉ ନ ଥିବା ପଛରେ ତଞ୍ଚକତା କରାଯାଇ ହେରଫେର ହେଉଥିବା ସାଧାରଣରେ ସନ୍ଦେହ ପ୍ରକଟ ହୋଇଛି । ପ୍ରାୟ ଆଜକୁ ୩୨ ବର୍ଷ ଧରି ଏହି ଅନିୟମିତତା ଲାଗି ରହିଥିଲେ ମଧ୍ୟ ଶିକ୍ଷା ବିଭାଗର କେତେକ କର୍ମଚାରୀଙ୍କ ସହିତ ସଲାସୁତରାରେ ଏପରି ଚାଲିଥିବା ମନେ ହୋଇଛି । ଶିକ୍ଷା ବିଭାଗ ପକ୍ଷରୁ ଅଡିଟ୍ କରାଯିବାକୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଯୋଗସୂତ୍ର ସ୍ଥାପନ କରୁନଥିବା ବେଳେ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଦୀର୍ଘ ୩୨ବର୍ଷ ଧରି ଏହି ମହାବିଦ୍ୟାଳୟର ବାର୍ଷିକ ଆୟବ୍ୟୟ ତଦାରଖ କରୁ ନ ଥିବା ଚିନ୍ତାର କାରଣ ହୋଇଛି । ସୂଚନା ଅନୁଯାୟୀ, ୧୯୮୯ ମସିହାରେ ସ୍ଥାନୀୟ ଶିକ୍ଷାପ୍ରେମୀମାନଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ମହାବିଦ୍ୟାଳୟ ୧୯୯୧ ମସିହାରେ ରାଜ୍ୟସରକାରଙ୍କ ସ୍ୱୀକୃତି ଲାଭ କରିଥିଲା । ଏହି ଯୁକ୍ତଦୁଇ ମହାବିଦ୍ୟାଳୟରେ ୨୫୬ ଛାତ୍ରଛାତ୍ରୀଙ୍କୁ ନାମଲେଖା ପାଇଁ ସୁଯୋଗ ଦିଆଯାଇଥିବା ବେଳେ ଆବଶକୀୟ ଶିକ୍ଷକ ଓ ଅଣଶିକ୍ଷକମାନଙ୍କ ନିଯୁକ୍ତିକୁ ରାଜ୍ୟ ସରକାର ନିୟମିତ କରିଥିଲେ । ତେବେ ୨୦୦୨ ପୂର୍ବରୁ ନିଯୁକ୍ତି ପାଇଥିବା ସମସ୍ତ କର୍ମଚାରୀମାନଙ୍କୁ ରାଜ୍ୟ ସରକାର ନିୟମିତ କରିବାକୁ ଘୋଷଣା କରିବାରୁ କେତେଜଣ କର୍ମଚାରୀଙ୍କ ନିଯୁକ୍ତିକୁ ଜାଲିଆତି କରାଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି । ୨୦୦୨ ମସିହା ପରେ ରହିଥିବା କର୍ମଚାରୀମାନଙ୍କୁ ୨୦୦୨ ପୂର୍ବରୁ ଦର୍ଶାଇ ଦିଆଯାଇଥିବା ନିଯୁକ୍ତି ଜାଲିଆତି ଘଟଣା ତଦନ୍ତ ସାପେକ୍ଷ । ଏଣୁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ କଣ୍ଟିପାଳ ମହାବିଦ୍ୟାଳୟର ଆର୍ଥିକ ଅନିୟମିତତା ଓ ନିଯୁକ୍ତିରେ ଜାଲିଆତି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ଏନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଶରତ ଚନ୍ଦ୍ର ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗସୂତ୍ର ସ୍ଥାପନ ହୋଇ ନପାଇବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

